RNI No.ODIODI/2010/33031
୧୬ ବର୍ଷ Volume-16
ISSUE -223 ସଂଖ୍ୟା-୨୨୩
ଭୁବନେଶ୍ୱର, ବୁଧବାର ୧୯ ନଭେମ୍ବର ୨୦୨୫
Bhubaneswar, Wednesday 19November, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ଜାତୀୟ ଜଳ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

**ଭୁବନେଶ୍ୱର,୧୮।୧୧(ମହାଭାରତ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ଷଷ୍ଠ ଜାତୀୟ ଜଳ ପୁରସ୍କାର-୨୦୨୪ ଏବଂ ଜଳ ସଂଚୟ ଜନ ଭାଗୀଦାରୀ ପୁରସ୍କାର ପ୍ରଦାନ କରିଛନ୍ତି। ଜଳ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଅନୁକରଣୀୟ କାର୍ଯ୍ୟ ପାଇଁ ୧୦ଟି ବର୍ଗର ମିଳିତ ବିଜେତାଙ୍କ ସମେତ ୪୬ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଏକ ପ୍ରଶସ୍ତିପତ୍ର, ଏକ ଟ୍ରଫି ଏବଂ କିଛି ବର୍ଗରେ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଚଳିତ ବର୍ଷ ମୋଟ ୧୦୦ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏଥିରେ ତିନୋଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ, ୬୭ ଜିଲ୍ଲା, ଛଅଟି ନଗର ନିଗମ, ଗୋଟିଏ ପୌର ସଂସ୍ଥା, ଦୁଇଟି ସହଭାଗୀ ମନ୍ତ୍ରଣାଳୟ/ ବିଭାଗ, ଦୁଇଟି ଶିଳ୍ପ, ତିନୋଟି ଏନଜିଓ, ଦୁଇ ସ୍ୱେଚ୍ଛାସେବୀ ବ୍ୟକ୍ତି ବିଶେଷ ଏବଂ ୧୪ ଜଣ ନୋଡାଲ ଅଧିକାରୀ ଅନ୍ତର୍ଭୁକ୍ତ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲାଗୁଡ଼ିକୁ ବର୍ଗ ୧ରେ ପ୍ରତ୍ୟେକଙ୍କୁ ୨ କୋଟି ଟଙ୍କା, ବର୍ଗ ୨ ଏବଂ ୩ରେ ଥିବା ଜିଲ୍ଲାଗୁଡ଼ିକୁ ଯଥାକ୍ରମେ ୧ କୋଟି ଟଙ୍କା ଏବଂ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ମଧ୍ୟରେ ଓଡିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ତୃତୀୟ ବର୍ଗରେ ପୁରସ୍କୃତ ହୋଇଛନ୍ତି। ଏସବୁ ଜିଲ୍ଲାରେ ବିଭିନ୍ନ ଜଳପ୍ରକଳ୍ପକୁ ସଫଳତାର ପୂର୍ବକ କାର୍ଯ୍ୟକାରୀ କରିବା ଲାଗି ପ୍ରତ୍ୟେକ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାରେ ୯,୪୦୨ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ଜିଲ୍ଲାରେ ଯଥାକ୍ରମେ ୧୫,୧୪୧, ୬,୬୭୮, ୮,୨୩୭, ୫,୫୭୨ ଟି ଲେଖାଏଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛିଏହା ସହିତ, ଜଳ ସଞ୍ଚୟ ଜନ ଭାଗୀଦାରୀ (ଜେଏସଜେବି) ପ୍ରୟାସରେ ଭୂତଳ ଜଳ ପୁନଃଚାର୍ଜ ତାଞ୍ଚା ବିକାଶରେ ଅନୁକରଣୀୟ ଅବଦାନ ପାଇଁ ୧୦୦ ଜଣ ପ୍ରତିଷ୍ଠିତ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା କାର୍ଯ୍ୟକ୍ରମଟି ପାରମ୍ପରିକ 'ଜଳ କଳସ' ସମାରୋହ ସହିତ ଆରମ୍ଭ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପୁରସ୍କାର ବିଜେତାମାନଙ୍କୁ ପ୍ରଶଂସା କରି କହିଥିଲେ ଯେ, ସେମାନେ ନିଜ ନିଜ କ୍ଷେତ୍ରରେ ଜଳ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେଇଛନ୍ତି ଏବଂ ସେମାନଙ୍କ ପ୍ରୟାସ ମାଧ୍ୟମରେ ସମାଜରେ ଜଳ ବିଷୟରେ ଏକ ନୂତନ ପ୍ରକାରର ସଚେତନତା ସୃଷ୍ଟି କରିଛନ୍ତି ରାଷ୍ଟ୍ରପତି ସମସ୍ତ ପରିବାର ପାଇଁ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା, ଗ୍ରାମାଞ୍ଚଳରେ ଖୋଲା ମଳତ୍ୟାଗ ଦୂର କରିବା ଏବଂ ଜଳ ସଂରକ୍ଷଣ ଭଳି ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମଗୁଡ଼ିକୁ ଅନ୍ତର୍ଭୁକ୍ତ କରି ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ମଧ୍ୟ ପ୍ରଶଂସା କରିଥିଲେ।



# ମାଓ ନେତା ହିଡମ୍ମା ନିହତ

ରାଜମୁନ୍ଦ୍ରି,୧୮।୧୧: ଆନ୍ଧ୍ର ପ୍ରଦେଶର ରାଜମୁନ୍ଦ୍ରୀ ନିକଟବର୍ତ୍ତୀ ଅଲ୍ଲୁରୀ ସୀତାରାମ ରାଜୁ ଜିଲ୍ଲାର ମାରେଡୁମିଲ୍ଲି ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବଳର ଗୁଳି ବିନିମୟରେ ୬ଜଣ ମାଓବାଦୀ ନିହତ ହୋଇଛନ୍ତି । ଏଥିରେ ମୋଷ୍ଟ ୱାଂଟେଡ ମାଓବାଦୀ ନେତା ଏବଂ କେନ୍ଦ୍ରୀୟ କମିଟି ସଦସ୍ୟ ମାଡଭି ହିଡମା ଏବଂ ତାର ପତ୍ନୀ ରାଜକ୍କା ମଧ୍ୟ ରହିଛନ୍ତି। ହିଡମାଙ୍କ ଉପରେ ଏକ କୋଟି ଟଙ୍କା ଏବଂ ତାର ପତ୍ନୀ ଉପରେ ପଚାଶ ଲକ୍ଷ ଟଙ୍କାର ଇନାମ ଘୋଷଣା ହୋଇଥିଲା।

ଆନ୍ଧ୍ର ପ୍ରଦେଶର ପୁଲିସ ମହାନିର୍ଦ୍ଦେଶକ ହରିଶ କୁମାର ଗୁପ୍ତା କହିଛନ୍ତି ଯେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଏବଂ ଓଡିଶା ସୀମାନ୍ତ ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳା ସମ୍ବନ୍ଧୀୟ ସୂଚନା ମିଳିବା ପରେ ମଙ୍ଗଳବାର ସକାଳ ୬ଟାରୁ ସୁରକ୍ଷା ବଳର ତଲାସୀ ଅଭିଯାନ ଚାଲିଥିଲା। ଏହା ପରେ ଉତ୍ତର ଆନ୍ଧ୍ରରେ ହାଇ ଆଲର୍ଟ ଘୋଷଣା କରାଯାଇଥିଲା।ସେ କହିଛନ୍ତି ଯେ ମାରେଡୁମିଲ୍ଲି ଜଙ୍ଗଲ ଅଞ୍ଚଳରେ ମାଓବାଦୀମାନେ ସୁରକ୍ଷା ବଳକୁ ଦେଖି ଗୁଳିଚାଳନା କରିଥିଲେ। ତାହାର ପ୍ରତିକ୍ରିୟାରେ ସୁରକ୍ଷା ବଳ ମଧ୍ୟ ଜବାବୀ ଗୁଳିଚାଳନା କରିଥିଲେ। ଏହି ଗୁଳି ବିନିମୟରେ ସୁରକ୍ଷା ବଳ ଛଅ ମାଓବାଦୀଙ୍କୁ ମାରି ଦେଇଛନ୍ତି। ନିହତ ଲୋକମାନଙ୍କ ପରିଚୟ ମାଡଭିହିଡମା, ତାର ପତ୍ନୀ ରାଜକ୍କା, ତାଙ୍କ ସହଯୋଗୀ ମଲ୍ଲୁ, ଦେଭେ, ଚେଲ୍ଲୁରୀ ନାରାୟଣ ଓରଫ ସୁରେଶ ଏବଂ ଟେକ୍ ଶଙ୍କର ଭାବରେ ହୋଇଛି। ସେ ଆହୁରି କହିଛନ୍ତି ଯେ ହିଡମା ଉପରେ ଏକ କୋଟି ଟଙ୍କା ଓ ତାର ପତ୍ନୀ ରାଜକ୍କାଙ୍କ ଉପରେ ପଚାଶ ଲକ୍ଷ ଟଙ୍କାର ଇନାମ ଘୋଷିତ ଥିଲା। ରାଜକ୍କା ୨୦୧୦ ମସିହାରେ ସୁକମାରେ ୨୫ ଜଣ ସିଆରପିଏଫ ଜବାନ ଶହୀଦ ହୋଇଥିବା ଗୁଳିକାଣ୍ଡରେ ମଧ୍ୟ ଜଡିତ ଥିଲେ। ସୁରକ୍ଷାକର୍ମୀଙ୍କ ସଫଳତାରେ କେନ୍ଦ୍ର ଗୃହ ମନ୍ତ୍ରୀଅମିତ ଶାହା ପ୍ରଶଂସା କରିଛନ୍ତି।

ସେହିପରି ଆନ୍ଧ୍ରପ୍ରଦେଶରେ ମାଓବାଦୀମାନଙ୍କ ଉପରେ ଲକ୍ଷ୍ୟ ସାଧିବା ସମୟରେ ସୁରକ୍ଷାବଳକୁ ମଙ୍ଗଳବାର ଦିନ ଏକ ଅନ୍ୟ ବଡ଼ ସଫଳତା ମିଳିଚି। ସୁରକ୍ଷା ବଳ ସକାଳେ ଏକ ସଂଘର୍ଷରେ ଛଅ ମାଓବାଦୀଙ୍କୁ ମାରିଥିଲା। ଏହାର କିଛି ସମୟ ପରେ ସୁରକ୍ଷାବଳ ରାଜ୍ୟରେ କେତେକ ସ୍ଥାନରେ ଛାପା ମାରି ୩୧ ମାଓବାଦୀଙ୍କୁ ଗିରଫ କରିଛି। ଏ ସମସ୍ତଙ୍କୁ ପଚରାଉଚୁରା କରାଯାଉଛି।ଆନ୍ଧ୍ରପ୍ରଦେଶର ଏଡିଜି ଗୁଇନ୍ଦା ମହେଶ ଚନ୍ଦ୍ର ଲଡ୍ଡା ଅଲ୍ଲୁରୀ ସୀତାରାମାରାଜୁ ଜିଲ୍ଲାର ଏସ୍‌ପି ଅମିତ ବରଦାର ସହିତ ପତ୍ରକାରଙ୍କୁ ସଂଘର୍ଷ ଏବଂ ଗିରଫଦାରିର ପୁରା ବୋରା ଦେଇଛି। ଲଡ୍ଡା କହିଛନ୍ତି ଯେ ମଙ୍ଗଳବାର ସକାଳ ୬.୩୦ରୁ ୭.୦୦ ମଧ୍ୟରେ ଅଲ୍ଲୁରୀ ସୀତାରାମାରାଜୁ ଜିଲ୍ଲାର ମାରେଦୁମିଲ୍ଲି ବନ ଅଂଚଳରେ ସୁରକ୍ଷା ବଳ ଏବଂ ମାଓବାଦୀଙ୍କ ମଧ୍ୟରେ ଗୋଳାବାରି ହୋଇଛି। ଏହି ସଂଘର୍ଷରେ ଛଅ ମାଓବାଦୀ ମୃତ୍ୟୁବରଣ କରିଛନ୍ତି। ଲଡ୍ଡା କହିଛନ୍ତି ଯେ ଗତ ଦୁଇଦିନ ହେଲା ଗୁଇନ୍ଦା ସୂଚନା ଆଧାରରେ ବ୍ୟାପକ ତଲାଶୀ ଅଭିଯାନ ଚଲାଯାଉଛି। ତଲାଶୀ ଅଭିଯାନ ଏବେ ମଧ୍ୟ ଜାରି ରହିଛି। ସେ କହିଛନ୍ତି ଯେ ମାଓବାଦୀଙ୍କ ପାଖରୁ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

# ଜିଲ୍ଲାପାଳଙ୍କୁ ୯ ଟାସ୍କ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୧୧(ନି.ପ୍ର):** ଆମ୍ଭେମାନେ ଯିଏ ଯେଉଁ ପଦବୀରେ ଥାଉ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ଏବଂ ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତରଦାୟୀ। ସେଥିପାଇଁ ଆପଣମାନେ ଲୋକଙ୍କ ସହିତ ମିଶନ୍ତୁ, ସାଧାରଣ ଲୋକଟିର କଥା ଧୈର୍ଯ୍ୟର ସହ ଶୁଣନ୍ତୁ ଓ ତାଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତୁ, ଏହା ହିଁ ହେଉଛି ସୁଶାସନର ମୂଳଦୁଆ ବୋଲି ଜିଲ୍ଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧିନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ଜିଲ୍ଲାପାଳମାନଙ୍କୁ ମିଶନ ମୋଡ୍ ରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତି ଓ ଘୋଷଣା ସହିତ ଯୋଜନା ଗୁଡିକର କାର୍ଯ୍ୟକାରୀତାର ଅଗ୍ରଗତି




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ କହିଛନ୍ତି।

ଲୋକସଭା ଭବନ କନ୍‌ଭେନ୍‌ସନ୍ ସେଂଟର ଠାରେ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜିଲ୍ଲାପାଳମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆମ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍ ?କା ପ୍ରୟାସ' ମନ୍ତ୍ରରେ ରାଜ୍ୟର କଲ୍ୟାଣ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି ଏବଂ କରୁଛନ୍ତି। ଯୋଜନା ଯେତେ ଅଭିନବ ହେଲେ ମଧ, ଏହାର ପ୍ରକୃତ ସଫଳତା ଏହାର ସଠିକ୍ ରୂପାୟନ ଉପରେ ନିର୍ଭର କରେ। ତେଣୁ, ଲୋକଙ୍କ ସୁବିଧା ପାଇଁ ସମସ୍ତେ ସଚ୍ଚୋଟ ଓ କର୍ତବ୍ୟନିଷ୍ଠ ହୁଅନ୍ତୁ ଏବଂ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ସମନ୍ୱୟ ରକ୍ଷା ମାଧ୍ୟମରେ ଯୋଜନାର ସଫଳ ରୂପାୟନ କରନ୍ତୁ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରିବା ପାଇଁ ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ସେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ କାର୍ଯ୍ୟକ୍ରମ ଓ ଯୋଜନା ବାବଦ ଖର୍ଚ୍ଚ ଓ ଏହାର ଅଗ୍ରଗତି ସମ୍ପର୍କରେ ପ୍ରତି ତିନି ଚାରି ମାସରେ ଥରେ ସମୀକ୍ଷା କରିବା, ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡାକଡି ଭାବେ ରୋକିବା, ଚୋରା ମଦ କାରବାର ବିରୁଦ୍ଧରେ ଏନଫୋର୍ସମେଂଟକୁ ଅଧିକ କଡାକଡି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୀବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ କରିବା, ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତିକ୍ଷ୍ ?ଣ ନଜର ରଖିବା ଇତ୍ୟାଦି ବିଷୟରେ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ପାଇଁ କହିଥିଲେ।

ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ କ୍ଷମତାର ଉଚିତ୍ ବ୍ୟବହାର କରି ସବୁ ସ୍ତରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଆଣିବା ପାଇଁ ପ୍ରୟାସ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଓ ବ୍ଲକ ସ୍ତରରେ ସମସ୍ତ ସରକାରୀ ନଥିପତ୍ର, ନୋଟିସ୍, ବିବରଣୀ ଓ ବିଜ୍ଞାପନ ଓଡିଆ ଭାଷାରେ କରିବା ସହିତ କାର୍ଯ୍ୟାଳୟକୁ ଆସୁଥିବା ଜନପ୍ରତିନିଧିମାନଙ୍କୁ ସମ୍ମାନର ସହିତ ସୌଜନ୍ୟମୂଳକ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ।

# ନୂଆପଡ଼ା ପରେ ରାଜ୍ୟସଭା ମିସନ : ସୁଜିତ

**ଭୁବନେଶ୍ୱର,୧୮।୧୧ (ନି.ପ୍ରକାର ନ୍ୟୁଜ):** ଆସନ୍ତା ବର୍ଷ ଖାଲି ହେବାକୁ ଥିବା ୪ ରାଜ୍ୟସଭା ସିଟ୍‌ରୁ ଦୁଇଟି ବିଜେପିର କ୍ଲିୟର ଅଛି। ଗୋଟିଏ ବିଜେଡ଼ିକୁ ଯିବ। ଗୋଟିଏ ସିଟ୍‌ରେ ସଂଖ୍ୟା ଦ୍ୱନ୍ଦ ରହିଛି। ବିଜେପି ଚତୁର୍ଥ ସିଟ୍‌କୁ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଦଳ ନିହାତି ନେବା ବି ଦରକାର ବୋଲି ସାଂସଦ ସୁଜିତ୍ କୁମାର କହିଛନ୍ତି। ଆସନ୍ତା ବର୍ଷ ଏପ୍ରିଲରେ ୪ଟି ରାଜ୍ୟ ସଭା ସିଟ୍ ଖାଲି ହେବ। ସୁଜିତ୍ କୁମାର, ମମତା ମହାନ୍ତ, ମୁନା ଖାଁ ଓ ନିରଞ୍ଜନ ବିଶିଙ୍କ ସିଟ୍ ଖାଲି ହେବ। ବିଜେପି ନୂଆପଡ଼ା ଦଖଲ ପରେ ସୁଜିତ୍‌ଙ୍କ କାର୍ଯ୍ୟକୁ ଗତକାଲି ମୁଖ୍ୟମନ୍ତ୍ରୀ ପ୍ରସଂଶା କରିଥିଲେ। ଦଳ ତାଙ୍କୁ ପୁରସ୍କାର ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ସୁଜିତ୍ କହିଛନ୍ତି କଳାହାଣ୍ଡି ବିଷୟରେ ମୋର ଅଭିଜ୍ଞତା ଅଛି। ଦଳର ସଂସଦୀୟ ବୋର୍ଡ ଚୂଡାନ୍ତ ନିଷ୍ପତ୍ତି ନେବ।

# ଅଲିଭ ରିଡଲେଙ୍କ ଅଣ୍ଡାଦାନ ଆରମ୍ଭ

**କାକଟପୁର/ଅସ୍ତରଙ୍ଗ,୧୮।୧୧ (ନି.ପ୍ର):** ଅଲିଭ ରିଡ଼େଲ କଇଁଛଙ୍କ ଅନ୍ୟତମ ଏନ୍ତୁଡ଼ିଶାଳ କୁହାଯାଉଥିବା ଅସ୍ତରଙ୍ଗ ଦେବୀ ନାସିରେ ଚାଲିଛି ପ୍ରଜନନ ଋତୁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ମୁହାଁଣରେ ଆରମ୍ଭ ହୋଇଛି ବିରଳ ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦାନ। ଏ ବର୍ଷ ରେକର୍ଡ ସଂଖ୍ୟକ କଇଁଛ ଆସିଥିବା ଅନୁମାନ କରାଯାଉଛି। ଦେବୀ ନଦୀ ନିକଟ କେଲୁଣୀ ମୁହାଁଣ ସ୍ଥିତ କଅଁରପୁର ଅଂଚଳରେ ଅଲିଭ ରିଡ଼ଲେ କଇଁଛ ଚଳିତ ବର୍ଷର ପ୍ରଥମ ଅଣ୍ଡାଦାନ କରିଛନ୍ତି। ସମୁଦ୍ର କୂଳରେ ପାଟ୍ରୋଲିଂ କରୁଥିବା ବନକର୍ମଚାରୀମାନେ ଏହାକୁ ଠାବ କରିଥିଲେ। ଗୋଟିଏ କଇଁଛ କେଲୁଣୀ ମୁହାଁଣ ନିକଟସ୍ଥ କଅଁରପୁର ଠାରେ କୂଳକୁ ଆସି ୧୨୪ଟି ଅଣ୍ଡା ଦେଇ ଥିବାବେଳେ ସଂଗ୍ରହ ଅଣ୍ଡାକୁ ଅସ୍ଥାୟୀ ହାଚେରୀରେ ସାଇତି ରଖାଯାଇଛି। ତେବେ ଅଣ୍ଡା ଦେବାର ୪୫ଦିନ ପରେ ଏଥିରୁ ଶାବକ ଜନ୍ମ ନେଇ ସମୁଦ୍ର ମୁହାଁ ହେବେ। ସବୁ ବର୍ଷ ଭଳି ଚଳିତ ବର୍ଷ ବନ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି। କିନ୍ତୁ ଅଲିଭ ରିଡଲେ ଜାନୁଆରୀ ଏବଂ ଫେବୃଆରୀ ମାସରେ ଅଣ୍ଡା ଦାନ କରିଥାନ୍ତି।

# ବିଧାନସଭା ପରିଦର୍ଶନରେ ୧୨ ଦେଶର ୪୦ ବିଦେଶୀ ପ୍ରତିନିଧି

**ଭୁବନେଶ୍ୱର,୧୮।୧୧ (ନି.ପ୍ରଜ):** ନୂଆଦିଲ୍ଲୀ ସ୍ଥିତ ଲୋକସଭା ସଚିବାଳୟର ପାର୍ଲାମେଂଟାରୀ ରିସର୍ଚ୍ଚ ଆଣ୍ଡ ଟେନିଂ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସିଜ୍ ତରଫରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧଇ ମଙ୍ଗଳବାର ଦିନ ଓଡ଼ିଶା ବିଧାନସଭା ପରିଦର୍ଶନ କରିବା ସହ ସଚିବାଳୟ ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଏହି ବୈଠକକୁ ଉଦଘାଟନ କରିଥିଲେ। ସେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ବିଧାନସଭାର ଗୌରବମୟ ଇତିହାସ ଓ ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।

ବିଧାନସଭାର ସଂସଦୀୟ କାର୍ଯ୍ୟ ପ୍ରଣାଳୀ ଭାରତର ସର୍ବଶ୍ରେଷ୍ଠ। ଚଳିତ ୧୭ ତମ ବିଧାନସଭାର ପ୍ରଥମ ବର୍ଷରେ ମୋଟ ୬୨ ଦିନ ଅଧିବେଶନ କାର୍ଯ୍ୟ ଦିବସ ସମ୍ପାଦନ କରିବା ପାଇଁ ସକ୍ଷମ ହୋଇପାରିଛି। ଏତଦବ୍ୟତୀତ ଓଡିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଇଜେସନ୍ ଏବଂ କମ୍ପ୍ୟୁଟରୀକରଣ ହେବା ସହ ନେଭା ପ୍ରୋଜେକ୍ଟ ଦ୍ୱାରା ସମସ୍ତ କାର୍ଯ୍ୟ କୁ କାଗଜ ଶୂନ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଓଡିଶା ବିଧାନସଭାର ବାଚସ୍ପତି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଓଡିଶା ବିଧାନସଭାର ବିଧି ବ୍ୟବସ୍ଥା ଓ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ସମସ୍ତ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ।






# ଶିଳ୍ପ ପ୍ରକଳ୍ପ ଅନୁମୋଦନର ସରଳୀକୃତ ପଦ୍ଧତି ନିବେଶକଙ୍କୁ ଆକର୍ଷିତ କରିଛି



**ଭୁବନେଶ୍ୱର,୧୮।୧୧ (ନି.ପ୍ର):** ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସମ୍ମିଳନୀର ପ୍ରଥମ ଦିନର ତୃତୀୟ ଅଧିବେଶନ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ବ୍ୟବସାୟ ସୁବିଧା, ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍ (ପିଏମଜି ପୋର୍ଟାଲ) ମାଧ୍ୟମରେ ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ ଓ ସମୀକ୍ଷା, ପାରସ୍ପରିକ ଆଲୋଚନା ଆଧାରରେ ରାଜ୍ୟରେ ଶିଳ୍ପ ଇକୋସିଷ୍ଟମରେ ପରିବର୍ତନ ସଂପର୍କିତ ବିଷୟଭିତିକ ଏହି ଆଲୋଚନାରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ, ପ୍ରଶାସନିକ ଅଧିକାରୀମାନେ ଯେତେବେଳେ ସମ୍ମିଳିତ ଭାବରେ ରାଜ୍ୟର ପ୍ରଗତି ପାଇଁ କାର୍ଯ୍ୟ କରିବେ, ସେତେବେଳେ ଓଡ଼ିଶାର ଅଭିବୃଦ୍ଧି ଅଧିକ ତ୍ୱରାନ୍ୱିତ ହେବ। ପ୍ରକଳ୍ପ ଅନୁମୋଦନର ସରଳୀକୃତ ପଦ୍ଧତି ଯୋଗୁଁ ନିବେଶ ଆକର୍ଷିତ କରିବାରେ ଓଡ଼ିଶାକୁ ସମସ୍ତେ ପ୍ରଥମିକତା ଦେଉଛନ୍ତି।

ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା। ଜିଲ୍ଲାମାନଙ୍କରେ ବ୍ୟବସାୟ କରିବାର ସହଜତା ପ୍ରଦାନ କରିବାରେ ଜିଲ୍ଲାପାଳମାନଙ୍କ ଭୂମିକା ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସିଏମଡି, ଓପିଟିସିଏଲ ଭାସ୍କର ଜ୍ୟୋତି ଶର୍ମା ଓଡ଼ିଶାରେ ଶକ୍ତି କ୍ଷେତ୍ର ଏବଂ ଏହା ଆକର୍ଷିତ କରୁଥିବା ନିବେଶ ଏବଂ ଶିଳ୍ପ ପାଇଁ ଅବଶ୍ୟକ ବିଦ୍ୟୁତ୍ ଯୋଗାଣ ବିଷୟରେ ବିସ୍ତୃତ ଉପସ୍ଥାପନ କରିଥିଲେ। ଅଧିବେଶନରେ "ପ୍ରଗତି" ତଦାରଖ ବ୍ୟବସ୍ଥା ମାଧ୍ୟମରେ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯାଉଥିବା ସଂପର୍କରେ ଗୁରୁତ୍ୱ ଦିଆଯାଇଥିଲା। ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ କମିଶନର-ତଥା ଶାସନ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଅନୁଗୁଳ ଜିଲ୍ଲାପାଳ କଲେକ୍ଟର ଅବଦାଲ ଏମ ଅଖତର, ସୁନ୍ଦରଗଡ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ଝାରସୁଗୁଡା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ ପ୍ରମୁଖ ଯୋଗଦେଇ ବ୍ୟବସାୟ ଅଭିବୃଦ୍ଧିର ଦ୍ରୁତ ଅଭିବୃଦ୍ଧି ସଂପର୍କରେ ବିଭିନ୍ନ ଉପସ୍ଥାପନା କରିଥିଲେ।



# ଅରବିନ୍ଦ ପ୍ରଧାନଙ୍କ ବିୟୋଗରେ ଶୋକ

ମାହାଙ୍ଗା,୧୮।୧୧:(ମନ୍ଥନ)କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅର୍ନ୍ତଗତ ଗୋପାଳପୁର ପଂଚାୟତର ଗୋପାଳପୁର ଗ୍ରାମର ଅରବିନ୍ଦ ପ୍ରଧାନଙ୍କ(୬୬)ବର୍ଷ ବୟସରେ ତା୧୬/୧୧/୨୦୨୫ରିଖ ସକାଳ ୭.୧୫ମିନିଟ୍ ସମୟରେ ହୃଦ୍‌ଘାତରେ ବିୟୋଗ ଘଟିଛି। ସେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଏସ୍ ଓଇ କ୍ୟାନ୍ ସଂଗଠନ ଗୋପାଳପୁର ତରଫରୁ ଅରବିନ୍ଦ ପ୍ରଧାନଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇଛି। ସଂଗଠନର ଅଧ୍ୟକ୍ଷ ସତ୍ୟଜିତ୍ ବିଶ୍ୱାଳ ଓ ସଂଗଠନର ସମସ୍ତ କର୍ମକର୍ତ୍ତା ସଦସ୍ୟମାନେ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

# ସରକାରୀ ଜମି ଓ କ୍ୱାଟର ଜବରଦଖଲ

ମାହାଙ୍ଗା,୧୮।୧୧:(ମନ୍ଥନ)ରାଜ୍ୟରେ ସରକାରୀ ଜମି ଓ କ୍ୱାଟର ଗୁଡିକୁ ଜବରଦଖଲକାରୀମାନେ ବେଆଇନ ଭାବେ ନିଜ କବ୍‌ଜାରେ ରଖିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ରାଜ୍ୟସରକାର ସେମାନଙ୍କ ବିରୁଦ୍ଧରେ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରୁ ନଥିବା ନେଇ ସାଧାରଣରେ ଚର୍ଚ୍ଚା ବିଷୟ ପାଲଟିଛି । ଏଠାରେ ସୂଚନା ଯୋଗ୍ୟ ଯେ ବିଭିନ୍ନ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମି ଉପରେ ଜବରଦଖଲମାନେ ବେଆଇନ ଭାବେ ଘର ନିର୍ମାଣ କରିବା ଦ୍ୱାରା ଅନେକ ସମୟରେ ଯାନବାହାନ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି ଓ ଦୁର୍ଘଟଣା ଘଟୁଛି। ଏହାର ଉଦାହରଣ ପାଲଟିଛି ମାହାଙ୍ଗା କଟିକଟା, ନିଶ୍ଚିନ୍ତକୋଇଲି ଲଳିତଗିରି ପୂର୍ତ୍ତବିଭାଗ ରାସ୍ତା। ମାହାଙ୍ଗା-କଟିକଟା ରାସ୍ତାର ଗୋକନ, ଶୁଖୁଆପଡା ଓ ଏରକଣା ବଜାରରେ ରାସ୍ତାର ଉଭୟ ପାର୍ଶ୍ୱରୁ ତା୨୬/୧୧/୨୦୧୮ମସିହାରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଜବରଦଖଲ ଉଚ୍ଛେଦ ସ୍ଥାନମାନଙ୍କରେ ଦୋକାନୀମାନେ ଘର ନିର୍ମାଣ କରିଛନ୍ତି। ସେହିଭଳି ନିଶ୍ଚିନ୍ତକୋଇଲି-ଲଳିତଗିରି ପୂର୍ତ୍ତ ବିଭାଗ ରାସ୍ତାର ଉଭୟପାର୍ଶ୍ୱ ଥିବା ସରକାରୀ ଜମିଗୁଡ଼ିକ ଜବରଦଖଲକାରୀ ଜବ୍‌ଜାରେ ରହିଛି। ୮ନଂକେନାଲର ଉଭୟ ପାର୍ଶ୍ୱରେ ଥିବା ଜମି ଜବରଦଖଲ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଗୋଚର ,ଗୋଦଣ୍ଡା ଓ ଶ୍ମଶାନ କିସମ ଜମିକୁ ଜବରଦଖଲ କରାଯାଇପାରିବ ନାହିଁ, ହେଲେ ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ଗୋଚର,ଶ୍ମଶାନ ଓ ଗୋଦଣ୍ଡା ଜମି ଉପରେ ପଂଚାୟତ କାର୍ଯ୍ୟାଳୟ, ଅଙ୍ଗନଓ୍ୱାଡି ଘର ବିଦ୍ୟାଳୟ ଗୃହ ଗୁଡିକ ବେଆଇନ ଭାବେ ନିର୍ମାଣ କରାଯାଇଛି। ଏଥିପ୍ରତି ସରକାର କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଅପରପକ୍ଷରେ ରାଜ୍ୟସରକାର ଘୋଷଣା କରିଥିଲେ ଯେ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ। ଘୋଷଣା କେବେ କାର୍ଯ୍ୟକାରୀ ହେବ ନା ଘୋଷଣାରେ ସୀମିତ ରହିବ ସେ ନେଇ ସାଧାରଣରେ ଆଲୋଚନା ହେଉଛି।

# ମହାନତା ଦେଖାଇଲେ ପ୍ରଶାସନିକ କର୍ମଚାରୀ ଏବଂ ଉପଖଣ୍ଡ ସ୍ତରୀୟ ଅଧିକାରୀ

ବଲାଙ୍ଗୀର,୧୮।୧୧:(ମନ୍ଥନ)ବଲାଙ୍ଗୀର ଜ଼ିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଦ୍ୱାରା ବିଗତ ୧୯୯୧ ମସିହା ଅଗଷ୍ଟ ୧୫ ତାରିଖରୁ ଏକ ବୟୋଜ୍ୟେଷ୍ଠ ନାଗରିକ ଆବାସ ପରି ଚଳିତ ହୋଇ ଆସୁଅଛି । ଏହି ଆବାସ ରେ ଜ଼ିଲ୍ଲା ର ବିଭିନ୍ନ ପ୍ରାନ୍ତ ରୁ ନିରାଶ୍ରୟ ତଥା ଅବହେଳିତ ବୟୋଜ୍ୟେଷ୍ଠ ବାପା ମା ମାନେ ଅନ୍ତେବାସୀ ଭାବରେ ରହିଛନ୍ତି । ଗତ ତା : ୧୬/୧୧/୨୦୨୫ ଦିନ ଜଣେ ପୁରୁଷ ଅନ୍ତେବାସୀ ବଲାଙ୍ଗୀର ଭୀମଭୋଇ ମେଡିକାଲ ରେ ଭର୍ତ୍ତି ହୋଇ ୪୨ ନମ୍ବର ବେଡ଼ ରେ ଚିକିତ୍ସିତ ହେଉଛନ୍ତି ।ଡାକ୍ତରୀ ପରୀକ୍ଷାରୁ ଜଣା ପଡିଲା ଯେ ରୋଗୀ ଙ୍କ ରକ୍ତ ହୀନତା ଲକ୍ଷଣ ଅଛି । ଡାକ୍ତର ଙ୍କ ପରାମର୍ଶ ଅନୁସାରେ ତାଙ୍କୁ ରକ୍ତ ଦେବାର ବ୍ୟବସ୍ଥା ପଡିବାରୁ ଅନ୍ତେବାସୀ ମାନଙ୍କ ଦାୟିତ୍ୱ ରେ ଥିବା ସରକାରୀ ପ୍ରଶାସନିକ ଅଫିସରୁ କର୍ମଚାରୀ ଶ୍ରୀ ଅମିତ କୁମାର ନାଏକ ଏବଂ ଉପଖଣ୍ଡ ସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ସୁଶ୍ରୀ ସସ୍ମିତା ହୋତା, ଶ୍ରୀ ଦିଲୀପ ସାହୁ ଙ୍କୁ ରକ୍ତ ଦାନ କରିଛନ୍ତି ଅନୁଷ୍ଠାନ ର ଶ୍ରୀ ଶିବ ପ୍ରସାଦ ସାହୁ ଓ ରମାକାନ୍ତ ସାହୁ ଅନ୍ତେବାସୀ ଙ୍କ ଦେଖାଶୁଣା ପାଇଁ ସଙ୍ଗରେ ଅଛନ୍ତି ।

# ସାମାଜିକ ରୂପାନ୍ତରଣ ପାଇଁ ଆର୍.ଏସ୍.ଏସ୍. କାର୍ଯ୍ୟ କରୁଛି

କଟକ,୧୮।୧୧:(ମନ୍ଥନ)ସାମାଜିକ ରୂପାନ୍ତରଣ ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍.ଏସ୍.ଏସ୍.) ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ ସଚେତନତା, ସ୍ୱ-ଭାବନା ଜାଗରଣ ଓ ନାଗରିକ କର୍ତ୍ତବ୍ୟ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି । ଏହି ପାଞ୍ଚଟି କାର୍ଯ୍ୟକ୍ରମ (ପଞ୍ଚ ପରିବର୍ତ୍ତନ) ଏକ ଶକ୍ତିଶାଳୀ ଓ ସ୍ୱାବଲମ୍ବୀ ଭାରତବର୍ଷ ଗଠନ ଦିଗରେ ସହାୟକ ହେବ ବୋଲି ସଂଘର ସହ ସରକାର୍ଯ୍ୟବାହ ଅତୁଲ ଜୀ ଲିମାୟେ କହିଛନ୍ତି। ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମଠାରେ ସାଧାରଣ ଓ ବୈଷୟିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କର ଏକ ସମାବେଶରେ ଉଦବୋଧନ ଦେଇ ଶ୍ରୀ ଲିମାୟେ କହିଲେ ଯେ, ସଂଘ 'ଶାଖା' ମାଧ୍ୟମରେ ବ୍ୟକ୍ତି ନିର୍ମାଣରେ ନିୟୋଜିତ ଅଛି ଏବଂ ସାରା ଦେଶରେ 'ଶାଖା'ର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏହି କାର୍ଯ୍ୟକ୍ରମରେ ସଂଘର ସହ କ୍ଷେତ୍ରପ୍ରଚାରକ ଜଗଦୀଶ ପ୍ରସାଦ ଖାଡ଼ଙ୍ଗା ସଭାପତିତ୍ୱ କରିଥିଲେ ।ପ୍ରଫେସର ଉମାକାନ୍ତ ମିଶ୍ର, ଡକ୍ଟର ନାରାୟଣ ମହାନ୍ତି, ପ୍ରଫେସର ବ୍ରଜକିଶୋର ଦାସ, ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ଡକ୍ଟର ମଲ୍ଲିକାର୍ଜୁନ ମିଶ୍ର, ଡକ୍ଟର ଯୋଗଶଙ୍କର ମହାପ୍ରଶସ୍ତ, ସତ୍ୟରଞ୍ଜନ ଜେନା, ଅଧ୍ୟାପିକା ସୁଧାମୟୀ ବେହୁରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସଂଘର ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ, ସହପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ, ବୌଦ୍ଧିକ ପ୍ରମୁଖ ତନ୍ମୟ କୁମାର ମହାପାତ୍ର, ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା, ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡ଼ା, ବିଭାଗ କାର୍ଯ୍ୟବାହ ଶରତ ଚନ୍ଦ୍ର ସେନ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଜିଲ୍ଲା କାର୍ଯ୍ୟବାହ ଲଳିତ ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳେଶ୍ୱର କାର୍ଯ୍ୟରତ ସାମ୍ବାଦିକ ମଂଚ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ



ଜଳେଶ୍ୱର,୧୮।୧୧:(ମନ୍ଥନ)ଜଳେଶ୍ୱର ବ୍ଲକରେ ଥିବା କାର୍ଯ୍ୟରତ ସାମ୍ବାଦିକ ମଂଚ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଜଳେଶ୍ୱର ଥାନା ନିକଟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚନ୍ଦ ଯୋଗ ଦେଇ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମର ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ସାମ୍ବାଦିକ ମାନଙ୍କ ସମସ୍ୟାର ସମାଧାନ ଓ ଉନ୍ନତି କରାଯିବା ଉଚିତ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଜଳେଶ୍ୱର ପୌରପାଳ ପ୍ରତୀପ କୁମାର ପ୍ରଧାନ ଯୋଗଦେଇ ସମାଜର ତଳସ୍ତରରେ ରହୁଥିବା ଲୋକଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ପ୍ରଶାସନକୁ ଅବଗତ କରିବା ଓ ସରକାରକୁ ଦୁର୍ନୀତିମୁକ୍ତ କରିବାରେ ସାମ୍ବାଦିକ ମାନେ କାର୍ଯ୍ୟ କରିଥାନ୍ତି ବୋଲି କହିଥିଲେ । ଉଦ୍‌ଘାଟିକା ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ ଯୋଗଦେଇ ସାମ୍ବାଦିକ ହେଉଛନ୍ତି ସମାଜର ଦର୍ପଣ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ, ବରିଷ୍ଠ ସାମ୍ବାଦିକ ଅବନୀ ଚନ୍ଦ ପ୍ରମୁଖ ଯୋଗଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ସାମ୍ବାଦିକ ରବିନାରାୟଣ ପାତ୍ର ମଂଚରେ ସଂଯୋଜନା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ସୁକୁମାର ରଣା ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଶେଷରେ ବରିଷ୍ଠ ସାମ୍ବାଦିକା ଆରତୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜଳେଶ୍ୱର, ଭୋଗରାଇ, ବାଲିଆପାଳରୁ ଆସିଥିବା ଯୁବ ସାମ୍ବାଦିକ, ସମାଜସେବୀ, ଶିକ୍ଷାବିତ, କବି, ଡାକ୍ତର, କ୍ରୀଡ଼ାବିତ୍, ସଫଳ କୃଷକ, ନୃତ୍ୟ ଶିଳ୍ପୀ, ଅଭିନେତା, ଉଦ୍ୟୋଗୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଜାତୀୟ ପ୍ରେସ ଦିବସକୁ କେବଳ ଜଳେଶ୍ୱର ବ୍ଲକର ସାମ୍ବାଦିକ ମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ପ୍ରାରମ୍ଭରେ କୁନି ନୃତ୍ୟାଙ୍ଗନାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସଭା ଶେଷରେ ବାଲେଶ୍ୱରର ଶିଶୁ ଶିଳ୍ପୀ ସୁଶ୍ରୀ ତାନିଶା ରଣା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ମୁକ୍ତିଲାଭ ହେବାକୁ ଥିବା ଓଡ଼ିଆ। ଚଳଚିତ୍ର ଲାଡୋର ଅଭିନେତ୍ରୀ ତୁଳସୀ ରଣା ନିଜର ବକ୍ତବ୍ୟରେ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ଶହଶହ ଦର୍ଶକ ଆମୋଦିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟରତ ସାମ୍ବାଦିକ ଗଣ ପରିଚାଳନା କରିଥିଲେ ।

# ଯାଦବ ମହାସଭା ପକ୍ଷରୁ ଯାଦବ ଶୌର୍ଯ୍ୟ ଦିବସ ପାଳିତ

ବଙ୍ଗୋମୁଣ୍ଡା,୧୮।୧୧:(ମନ୍ଥନ)ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ମୁଣ୍ଡପଦର ପଞ୍ଚାୟତ ସ୍ଥିତ ସାଗୁନଭାଡି ଗ୍ରାମ ରେ ବଙ୍ଗୋମୁଣ୍ଡା ବ୍ଲକ ଯାଦବ ମହାସଭା ପକ୍ଷରୁ ଯାଦବ ଶୌର୍ଯ୍ୟ ଦିବସ ମହାସମାରୋହ ରେ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମ ରେ ପ୍ରଥମେ ଶ୍ରୀକୃଷ୍ଣ ଙ୍କ ଫଟୋ ଚିତ୍ର ରେ ପୂଜାର୍ଚ୍ଚନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବଙ୍ଗୋମୁଣ୍ଡା ବ୍ଲକ ଯାଦବ ମହାସଭା ର ସଭାପତି ର ଯୋଗେନ୍ଦ୍ର ବଛା ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ,ମୁଖ୍ୟବକ୍ତା ଭାବେ ଯାଦବ ବୁଦ୍ଧିଜୀବୀ ମଞ୍ଚ ରାଜ୍ୟ ଆବାହକ ଧବଳେଶ୍ୱର ବାଗ,ସମ୍ମାନୀୟ ଅତିଥି ଭାବେ ମୁରିବାହାଲ ବ୍ଲକ ଯାଦବ ମହାସଭା ର ସଭାପତି ଗଙ୍ଗାଧର ହେର୍ଣ୍ଡା,ଟିଟିଲାଗଡ଼ ନଗର ଯାଦବ ମହାସଭା ର ସଭାପତି କୁନା ଭାଟି, ଚନ୍ଦୋତରା ପଂଚାୟତ ସରପଞ୍ଚ ଜିତେନ ବଛା,ଝରିଆଲ ପଞ୍ଚାୟତ ସରପଞ୍ଚ ଭରଦ୍ୱାଜ ଗହିର ,ବଙ୍ଗୋମୁଣ୍ଡା ବ୍ଲକ ଯୁବ ଯାଦବ ମହାସଭା ର ସଭାପତି ଘନଶ୍ୟାମ ମନହୀରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅହିର ରେଜିମେଣ୍ଟ ପାଇଁ ଅତିଥି ମାନେ ଦାବି କରିଥିଲେ । ପୂଣ୍ୟ ଭାରତ ଭୂମିରେ ଯାଦବ ବୀର ପୁରୁଷ ଅନେକ ଯୁଦ୍ଧ ଲଢିଛନ୍ତି । ଦ୍ୱାପର ଯୁଗରେ ମହାଭାରତ ଠାରୁ ଆରମ୍ଭ କରି ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧ ପର୍ଯ୍ୟନ୍ତ, ସମ୍ରାଟ ଖାରବେଳଙ୍କ ଯୁଦ୍ଧ ପରି ଅନେକ ଗାଥା ଅଛି । ସେଥିମଧ୍ୟରୁ ଲଦାଖ ସ୍ଥିତ ରେଜାଙ୍ଗଲା ଘାଟିର ଯୁଦ୍ଧ ଅନ୍ୟତମ, ଅବିସ୍ମରଣୀୟ । ଯୁଦ୍ଧରେ ରେଜାଙ୍ଗଲା ଘାଟିକୁ ୧୨୦ ବୀର ଅହୀର ସୈନିକ ବିରପୁତ୍ର ସହିଦହୋଇଥିଲେ । ଜୀବନ ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ସାହସ, ସମର୍ପଣ, ସାମର୍ଥ୍ୟ ଦେଖାଇ ପାଖାପାଖି ୨୦୦୦ ଠାରୁ ଅଧିକ ଚୀନ ସୈନ୍ୟକୁ ଭାରତ ସୀମାକୁ ପ୍ରବେଶ କରିବାକୁ ଦେଇନଥିଲେ । ଯାହା ଏକ ଅବିସ୍ମରଣୀୟ ଇତିହାସ ସୃଷ୍ଟି କରିଛି । କିନ୍ତୁ କ୍ଷୋଭର ବିଷୟ ଯେ ଭାରତ ଇତିହାସକାର ମାନେ ଯାଦବ ମାନଙ୍କୁ କୌଣସି କ୍ଷେତ୍ରରେ ବିଶିଷ୍ଟ ଗରୁତ୍ୱନଦେଇ ସେନା କ୍ଷେତ୍ରରେ ମଧ ଅବହେଳା କରାଯାଉଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସର ରେ ସାଗୁନଭାଡ଼ି ଗାଁର ଅବସରପ୍ରାପ୍ତ ସୈନିକ ଉମାଶଙ୍କର ଘିଭେଲା,କଟାଡୁଙ୍ଗରି ଗାଁ ର ଅବସରପ୍ରାପ୍ତ ପୋଲିସ କମାଣ୍ଡିଆନ ଲକ୍ଷ୍ମଣ ବାଗ ଙ୍କୁ ମାନପତ୍ର ଓ ଉପଢଉକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ବଙ୍ଗୋମୁଣ୍ଡା ବ୍ଲକ ଯାଦବ ମହାସଭା ର ସାଧାରଣ ସମ୍ପାଦକ ମୁନିରାମ ନାଗ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିନୋଦ ବାଗ ,ପ୍ରତାପ ଭାଟୀ , ପରମେଶ୍ୱର ନାଗ, ଧନସିଂ ନାଗ ,ହୁଲେଶ୍ୱର ହଂସ,ପବିତ୍ର ପୋଢ,ନିଲାଞ୍ଚଳ ବଛା ,ମିନିକେତନ ନାଗ ,ଅର୍ଦ୍ଧେନ୍ଦୁ ଦାସ ଯାଦବ ସହ ଅନ୍ୟ ମାନେ ସହଯୋଗ କରିଥିଲେ।

# ଡକାୟତ ଗ୍ୟାଙ୍ଗର ୭ଜଣଙ୍କୁ ଗିରଫ କଲା ପଟ୍ଟାମୁଣ୍ଡାଇ ପୋଲିସ, ୨୫ ଲକ୍ଷର ସୁନାଗହଣା ଜବତ

କେନ୍ଦ୍ରାପଡ଼ା,୧୮।୧୧:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନରେ ଡକାୟତି ଯୋଜନା କରୁଥିବା ୭ଜଣ ଡକାୟତଙ୍କୁ ପୋଲିସ ଗିରଫ କରିଥିବା ବେଳେ ୨ଜଣ ଫେରାର ହୋଇଯାଇଛନ୍ତି। ଏନେଇ କେନ୍ଦ୍ରାପଡା ଏସପି ସିଦ୍ଧାର୍ଥ କଟାରିଆ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଜଜାଙ୍ଗସ୍ଥିତ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଯେ ଡକାୟତି ଯୋଜନା କରୁଥିବା ବେଳେ ଏହି ଜିଲ୍ଲାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାଧିକାରୀ ୭ଜଣ ଡକାୟତଙ୍କୁ ଗିରଫ କରିଛନ୍ତି । ଗିରଫ ଡକାୟତମାନେ ହେଉଛନ୍ତି ସଞ୍ଜୟ କୁମାର ମଲ୍ଲିକ ଓରଫ ଡାମରା କାଳିଆ, କିରଣ ସେଠୀ ଓରଫ ସିପୁଆ, ମାନସ କୁମାର ନାୟକ, ରଞ୍ଜିତ ମଲ୍ଲ ଓରଫ ବାବୁ, ତ୍ରିଲୋଚନ ସାହୁ ଓରଫ ହାବୁଆ, ସୁବ୍ରତ ମଲ୍ଲିକ ଓରଫ ସାଗର ଓ ବିଶ୍ୱପ୍ରକାଶ ସିଂହ ଓରଫ ବୁବୁ। ଏହି ଗ୍ୟାଙ୍ଗରେ ସାମିଲ ଥିବା ମେଙ୍କ ମଲ୍ଲିକ ଓ ବଣ୍ଟି ମଲ୍ଲିକ ଘଟଣା ସ୍ଥଳରୁ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଡମରା କାଳିଆ ନାମରେ ୫ଟି ମାମଲା ରହିଥିବା ବେଳେ କିରଣ ସେଠୀ ନାମରେ ୧୧ରୁ ଅଧିକ ମାମଲା ରହିଛି। ସେହିପରି ଅନ୍ୟ ଅପରାଧୀମାନଙ୍କ ନାମରେ ମଧ ବିଭିନ୍ନ ମାମଲା ରହିଛି। ସେମାନଙ୍କ ଠାରୁ୧୯୨ ଗ୍ରାମ ଓଜନର ସୁନାଗହଣା ଜବତ କରାଯାଇଛି। ଯାହାର ବଜାର ମୂଲ୍ୟ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ସେହିପରି ଡକାୟତମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି ସହ ଦୁଇଟି ଲୁହାର ଖଣ୍ଡା, ୩ଟି ବାଇକ, ୭ଟି ମୋବାଇଲ ଫୋନ, ଦୁଇ ପ୍ୟାକେଟ୍ ଲଙ୍କା ଗୁଣ୍ଡ, ଏକ ଲୁହା ରଡ୍, ଗୋଟିଏ ଛୁରୀ ଜବତ କରାଯାଇଛି। ଏସ୍‌ପି କହିଛନ୍ତି ଗତ ସୋମବାର ରାତି ସାଢେ ୧୧ଟାରେ ଏହି ଡକାୟତମାନେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନ ମୂଳବସନ୍ତ ଏନ୍‌ସି ହାଇସ୍କୁଲ ପଡିଆରେ ବସି ଡକାୟତି ପାଇଁ ଯୋଜନା କରୁଥିଲେ। ଏ ସଂପର୍କରେ ଏକ ବିଶେଷ ସୂତ୍ରରୁ ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ର ଅନ୍ୟ ପୋଲିସ ଅଧିକାରୀ ଓ ପୋଲିସ ଫୋର୍ସଙ୍କ ସହ ସେଠାରେ ଚଢାଉ କରିଥିଲେ। ଚଢାଉ ବେଳେ ୭ଜଣ ଡକାୟତ ଧରାପଡିଥିବା ବେଳେ ୨ ଜଣ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇ ଯାଇଥିଲେ। ପୂର୍ବରୁ ସେମାନେ ଏକାଧିକ ଡକାୟତି ଘଟଣାରେ ସଂପୃକ୍ତ ରହି ଲୋକଙ୍କ ଠାରୁ ସୁନାଗହଣା ଲୁଟ୍ କରିଥିଲେ। ଯେଉଁ ଲୋକମାନେ ଡକାୟତଙ୍କ ଶିକାର ହୋଇଛନ୍ତି ସେମାନେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ନିଜ ନିଜର ସୁନାଗହଣା ଉପଯୁକ୍ତ ପ୍ରମାଣ ଦେଇ ନେଇ ପାରିବେ ବୋଲି ଏସ୍‌ପି କହିଛନ୍ତି।



# ବରିଷ୍ଠ ନାଗରିକ ଆଇନ ୨୦୦୭ ଉପରେ ସଚେତନତା କାର୍ଯ୍ୟକ୍ରମ

କୁଚିଣ୍ଡା,୧୮।୧୧:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ବରିଷ୍ଠ ନାଗରିକ କ୍ଲବ ଠାରେ ତାଲୁକ ଆଇନ ସେବା କମିଟି କୁଚିଣ୍ଡା ଦ୍ୱାରା ପିତାମାତା ଏବଂ ବରିଷ୍ଠ ନାଗରିକ ଆଇନ ୨୦୦୭ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡାର ଅତିରିକ୍ତ ଜଜ ତଥା ସଭାପତି ଟିଏଲଏସସି କୁଚିଣ୍ଡା ଡ଼ଃ ପ୍ରଭାକର ଗଣ୍ଡିଆ,ଡା ଶରତ ଚନ୍ଦ୍ର ଗୌନ୍ତିଆ, କରୁଣାକର କିସାନ ଟିଏଲଏସସି ସଦସ୍ୟ କୁଚିଣ୍ଡା ର ସଭାପତି ଏବଂ ବରିଷ୍ଠ ନାଗରିକ କ୍ଲବ




ର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ । ଡ଼ଃ ଗଣ୍ଡିଆ। ପିତାମାତା ଏବଂ ବରିଷ୍ଠ ନାଗରିକ କଲ୍ୟାଣ ଏବଂ ଭରଣପୋଷଣ ଆଇନ ୨୦୦୭ ଅନୁଯାୟୀ ବରିଷ୍ଠ ନାଗରିକ ମାନଙ୍କୁ ସେମାନଙ୍କର କଲ୍ୟାଣ, ସୁରକ୍ଷା ଉପରେ ସଚେତନ କରିଥିଲେ । ଡ଼ଃ ଗୌନ୍ତିଆ। ବୃଦ୍ଧ ବୟସରେ ସେମାନଙ୍କର ଯତ୍ନ କିପରି ନିଆଯିବ ସେ ବିଷୟରେ ବରିଷ୍ଠ ନାଗରିକ ମାନଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀ କିସାନ ଆଇନ ସହାୟତା ରେ ଶାନ୍ତିରେ ବଞ୍ଚିବା ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ । କ୍ଲବ ସଭାପତି ଧିରେନ୍ଦ୍ର ମହାନ୍ତି ମଧ ବରିଷ୍ଠ ନାଗରିକ ମାନଙ୍କ ଅଧିକାର ବିଷୟରେ ସଚେତନ କରିଥିଲେ । ଏହି ଅବସରରେ ଆଇନଜୀବି ଶ୍ରୀ ଏକେ ମହାପାତ୍ର ଆଇନ ର ପରିସର ମଧ୍ୟରେ ସେମାନଙ୍କର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ । ଶେଷରେ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୁଳସୀକ୍ଷେତ୍ରକୁ ୧୦୦ କୋଟି ଟଙ୍କାର ଅନୁଦାନ ଘୋଷଣା

କେନ୍ଦ୍ରାପଡ଼ା,୧୮।୧୧:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ଏବଂ ନବୀକରଣ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଏକଶହ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ବଳଦେବ ସେନା ଗଣମାଧ୍ୟମକୁ ସୂଚନା ଦେଇଛି ଯେ ରାଜ୍ୟ ସରକାର ଏହି ଟଙ୍କା ଦେବା ପଛରେ ବଳଦେବ ସେନାର ଦାବି ରହିଥିଲା। ଦୀର୍ଘଦିନ ହେବ ବଳଦେବ ସେନା ଦାବି କରିଥିଲା ବଳଦେବଜୀଉଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ କରାଯାଉ। ରାଜ୍ୟ ସରକାର ଏହି ଘୋଷଣା କରିଥିବାରୁ ସେନା ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ଏକ ବୈଠକରେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଅର୍ପଣ କରାଯାଇଛି। ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କ ଘୋଷଣା ଅଗଣିତ ଭକ୍ତଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ବଳଦେବ ସେନା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଓ ଆଇନ ମନ୍ତ୍ରୀଙ୍କ ସରକାରୀ ନିବାସରେ ଆଇନ୍ ମନ୍ତ୍ରୀଙ୍କୁ ଭେଟି ମନ୍ଦିର ସମ୍ମୁଖରୁ ଜବରଦଖଲ ଉଚ୍ଛେଦ, ପରିକ୍ରମା ପ୍ରକଳ୍ପ ଏବଂ ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏଥିସହିତ ଆଇନ୍ ମନ୍ତ୍ରୀ ମଧ ତୁରନ୍ତ ପଦକ୍ଷେପ ନେଇ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସେନା ପକ୍ଷରୁ ଦେବୋତ୍ତର ଆୟୁକ୍ତଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

୧୮।୧୧:(ମନ୍ଥନ)ଆଜି ସ୍ଥାନୀୟ ଗଇନ୍ତଲାପଡିଆ। ଠାରେ ପୁଇନ୍ତଲା ବ୍ଲକ ର ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁଇନ୍ତଲା ବ୍ଲକ ର ସମସ୍ତ ଗ୍ରାମ ପଞ୍ଚାୟତ ରୁ ୫୦୦ ରୁ ଅଧିକ ମତ୍ସ୍ୟଜୀବୀ ଏବଂ ପ୍ରାଣିପାଳକ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ଦଳ ର ମାଁ ମାନେ ଅଂଶ ଗ୍ରହଣ କରିଥିଲେ । ଡ ମୋନାଲି ଦାଶ ପ୍ରାଣୀ ଚିକିତ୍ସାଧିକାରୀ ବଲାଙ୍ଗୀର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏତଦ ବ୍ୟତୀତ ଉତ୍ସାହୀ ଜନ ସାଧାରଣ, ପଞ୍ଚାୟତ ସମିତିର ସଭ୍ୟ ସଭ୍ୟା, ସରପଞ୍ଚ,ଜିଲ୍ଲା ପରିଷଦ ସଦସ୍ୟ , ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ କର୍ମଚାରୀ, ତାଙ୍କର ସହାୟକ କର୍ମଚାରୀ ସମସ୍ତେ ଉପସ୍ଥିତ ଥିଲେ । ଡ ମୁକେଶ ମହଲିଙ୍ଗ , ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମେଳା ଓ ପ୍ରଦର୍ଶନୀ କୁ ଫିତା କାଟି ଉଦ୍‌ଘାଟନ କରିଥିଲେ । ପୁଇନ୍ତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ରୀ ଅମରେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭା ରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଡ ମହାଲିଙ୍ଗ,ଉପସ୍ଥିତ ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନନୀୟ ଅତିଥି ଭାବରେ ଶ୍ରୀ ସରୋଜ କୁମାର ପଧାନ (ବ୍ଲକ ଅଧ୍ୟକ୍ଷ), ଶ୍ରୀ କୁମର ମଣି ସେଠ (ଜିଲ୍ଲା ପରିଷଦ ସଦସ୍ୟ, ଜୋନ-୧୮), ଶ୍ରୀମତୀ ପୁଷ୍ପାଞ୍ଜଳି ହର୍ପାଲ ସମିତି ସଭ୍ୟା ଗୈନ୍ତଲା ଓ ଶ୍ରୀ ରାଜ କିଶୋର ନାୟକ, ସାଂସଦ ପ୍ରତିନିଧି, ଡ ଅନିରୁଦ୍ଧ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ, ଡ ସୁଷମା ନାୟକ, ସରପଞ୍ଚ ଗାଇନ୍ତଲା ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ବକ୍ତା ଭାବରେ ଡା ସାରଦା ପ୍ରସାଦ ସିଂ ବରିହା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁଇନ୍ତାଲା ବ୍ଲକର ଚାରି ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଏବଂ ତିନି ଜଣ ପ୍ରାଣୀପାଳକ ଓ କୁକୁଡ଼ା ପାଳନ ପାଇଁ ଗୋଟିଏ ସ୍ୱୟଂ ସହାୟକ ଦଳ ସମୁଦାୟ ଆଠ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମତ୍ସ୍ୟ ବିଭାଗ ର ଦୁଇ ଜଣଙ୍କୁ କାର୍ଯ୍ୟାଦେଶ ଓ ପ୍ରାଣୀ ସମ୍ପଦ ବିଭାଗ ର ଦୁଇ ଜଣଙ୍କୁ ସରକାରୀ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏହି ଅବସର ରେ ଆୟୋଜିତ କୃଷକ-ବିଶେଷଜ୍ଞ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମତ୍ସ୍ୟ ବିଶେଷଜ୍ଞ ଭାବରେ ଦାମୋଦର ନାୟକ ଅବସରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ଓ ସ୍ନିଗ୍ଧା ରାଣୀ କହଁର, ସହକାରୀ ମତ୍ସ୍ୟ ଅଧିକାରୀ, ଦେଓଗାଁ, ଏବଂ ପ୍ରାଣୀ ସମ୍ପଦ ବିଶେଷଜ୍ଞ ଭାବରେ ଡ଼ା ଶୁଭେନ୍ଦୁ ସୁଧା ଷଡ଼ଙ୍ଗୀ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଟିଟଲାଗଡ ଓ ଡ଼ା ଦେବଜ୍ୟୋତି ବେହେରା, ପ୍ରଶିକ୍ଷକ, ପ୍ରାଣିଧନ ନିରୀକ୍ଷକ କେନ୍ଦ୍ର ଯୋଗ ଦେଇ ଚାଷୀ ଙ୍କୁ ମତ୍ସ୍ୟ ଚାଷ ଓ ପ୍ରାଣୀ ପାଳନ ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ସଭା ପରିସମାପ୍ତି ପରେ ଭବାନୀ ଶଙ୍କର କଳା କଳା ପରିଷଦ ଗୀତ ଓ ପାଲା ମାଧ୍ୟମ ରେ ସରକାରୀ ଯୋଜନା ସମୂହ ର ପ୍ରଚାର ପ୍ରସାର କରିଥିଲେ । ଏହି କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ ହଉଛି ପ୍ରାଣୀ ପାଳନ ଓ ମତ୍ସ୍ୟ ଚାଷ ରେ ଉତ୍ପାଦନ ବୃଦ୍ଧି କରିବା, ତୃଣମୂଳ ସ୍ତରରେ ଗ୍ରାମୀଣ ଅର୍ଥ ନୀତି ର ବିକାଶ ପାଇଁ ପ୍ରାଣୀ ପାଳନ କୁକୁଡ଼ା ପାଳନ ମତ୍ସ୍ୟ ଚାଷ କିପରି ସହାୟକ ହେଇପାରିବ । ମତ୍ସ୍ୟ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ଚାଷୀ ତଥା ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ପ୍ରାଣୀ ସମ୍ପଦ କୁ ନିରୋଗ ଏବଂ ନିରାମୟ ରଖିବାୟପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାକୁ ଆୟୋଜନ କରିଥିଲେ ଡ଼ା ସଞ୍ଜୟ କୁମାର ମହାକୁଡ, ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ତଥା ଡ ସ୍ପନ୍ଦନ ଶାଶ୍ୱତ ଦାଶ ଓ ଡ ଓମ୍ କୁମାର ସାହୁ ଏବଂ ମନୋରଞ୍ଜନ ନାୟକ, ସହକାରୀ ମତ୍ସ୍ୟ ଅଧିକାରୀ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ଆୟୋଜନ କରିବାରେ ରେ ମୂଖ୍ୟ ଭୂମିକା ଅଂଶ ଗ୍ରହଣ କରିଥିଲେ । ପ୍ରାଣୀଧନ ନିରୀକ୍ଷକ ମାନେ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ର ସମସ୍ତ କର୍ମଚାରୀ ସହାୟତା କରିଥିଲେ ।

# ଓଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତିରେ ତାଲା ବନ୍ଦ ଆନ୍ଦୋଳନ

ନୂଆଗାଁ/ଓଡ଼ଗାଁ,୧୮।୧୧:(ମନ୍ଥନ) ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଓଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତି ଆଗରେ ପ୍ୟାକ୍ସ ପରିଚାଳନା ପରିଷଦ ଓ ଚାଷୀମାନେ ତାଲାବନ୍ଦ ଆନ୍ଦୋଳନ ସହ ଧାରଣା ଦେଇଛନ୍ତି । ଓଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତି ରେ କାର୍ଯ୍ୟରତ ସମ୍ପାଦକଙ୍କ ମନମାନି , ପରିଚାଳନା କମିଟି ର ନିର୍ଦ୍ଦେଶକୁ ଅବମାନନା , ସମିତିର ପଞ୍ଜୀକୃତ ଚାଷୀଙ୍କ ଠାରୁ ଅସୁଲ କରିଥିବା ଋଣ ଟଙ୍କା ରୁ ପ୍ରାୟ ୧୧ ଲକ୍ଷ ରୁ ଉର୍ଦ୍ଧ ଟଙ୍କା ଓଡ଼ଗାଁ ବ୍ୟାଙ୍କ ଶାଖା ରେ ଜମା ନ କରି ସଂପାଦକ ନିଜ ବ୍ୟକ୍ତିଗତ ଆକାଉଣ୍ଟ ନଂ ୩୦୦୯ ରେ କରି, ପରବର୍ତ୍ତୀ ସମୟରେ ସେହିଁ ଟଙ୍କା କୁ ଉଠାଇ ଆତ୍ମସାତ କରିବା, ମଣ୍ଡି ସମୟରେ ଚାଷୀ ଙ୍କୁ ଜଳଖିଆ। ଦେଇଥିବା ଦର୍ଶାଇ ଟ ୭୧୦୦୦/- (ଏକସ୍ତରି ହଜାର ଟଙ୍କା )ମିଥ୍ୟା ବିଲ୍ ଭାଉଚର କରି ,ସମିତି ଅର୍ଥ କୁ ହରିଲୁଟ୍ କରିବା ,ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ ସାର ନ ଆଣିବା ପ୍ରଭୃତି ସଂପାଦକ ଙ୍କ ମନୋମୁଖୀ କାର୍ଯ୍ୟକୁ ବିରୋଧ କରି ଏହି ଆନ୍ଦୋଳନ କରାଯାଇଥିବା ର ଜାଣିବାକୁ ମିଳିଛି । ସମିତି ସଂପାଦକ ସାଧାରଣ ସଭାରେ ଆୟ ବ୍ୟୟ ଅଟକଳ ପାସ୍ ନକରି , ସାଧାରଣ ସଭାର ବିନା ଅନୁମୋଦନରେ ନିଜ ମନ ଇଚ୍ଛା ଟଙ୍କା ଖର୍ଚ୍ଚ କରିଛନ୍ତି । ସମିତିର ସଂପାଦକ ଙ୍କୁ ବୈଠକ ଡାକିବା ପାଇଁ ପରିଚାଳନା ପରିଷଦ ଓ ନୟାଗଡ଼ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ, ସମିତି ସଂପାଦକ ବୈଠକ ଡାକିବା ଦୂରର କଥା ମାନ୍ୟବର ହାଇକୋର୍ଟ ଙ୍କ ନିର୍ଦ୍ଦେଶ କୁ ବି ଖାତିର କରୁନାହାଁନ୍ତି । ଦୀର୍ଘ ୧ ବର୍ଷ ଧରି ସମିତି ସଂପାଦକ ଙ୍କ ସହିତ ପ୍ରଶାସନିକ ଅଧିକାରୀ ଓ ବ୍ୟାଙ୍କ ଶାଖା ପରିଚାଳକ ମିଶି ଯେଉଁ ଆର୍ଥିକ ଅନିୟମିତତା ଓ ଦୁର୍ନୀତି କରିଛନ୍ତି, କାଳେ ତାହା ଧରାପଡିଯିବ ସେ ନେଇ ସେ ସମିତି ପରିଚାଳନା ପରିଷଦ କୁ ସହଯୋଗ କରୁନାହାନ୍ତି । ଏଣୁ ସମିତିର ହୋଇଥିବା ଆର୍ଥିକ ଅନିୟମିତତା ଓ ଦୁର୍ନୀତି ସବୁର ତଦନ୍ତ,ଏବଂ ସଂପାଦକ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ତା ୧୭/୧୧/୨୦୨୫ ରିଖ ସୋମବାର ଦିନ ୧୨ ଘଣ୍ଟିକା ଠାରୁ ସମିତି ପରିଚାଳନା ପରିଷଦ ଓ ଚାଷୀ ମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି । ଏହି ଧାରଣା ରେ କେନ୍ଦ୍ର ସମବାୟ ବ୍ୟାଙ୍କ ର ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇ,ସଂପାଦକ ଦିପକ କୁମାର ଚୌଧୁରୀ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ । ସଂଧ୍ୟା ସମୟରେ ଓଡ଼ଗାଁ ବ୍ଲକ ସମବାୟ ଏରିଆ। ଅଫିସର ହିମାଂଶୁ ଶେଖର ରାଉତ ଧାରଣା ସ୍ଥଳକୁ ଆସି ଚାଷୀ ମାନଙ୍କୁ ବୁଝାସୁଝା କରିଥିଲେୟହେଲେ ଚାଷୀ ମାନେ ଧାରଣା ରୁ ଉଠିବା ପାଇଁ ରୋକ୍ ଠୋକ୍ ମନା କରିଥିଲେ, ଯେଉଁ ଦିନ ପର୍ଯ୍ୟନ୍ତ ସଂପାଦକ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ନୂତନ ସଂପାଦକ ନିଯୁକ୍ତି ନ ହୋଇଛି, ସେ ଦିନ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କହିଛନ୍ତି ଧାରଣା ରତ ଚାଷୀ ଓ ସମିତି ପରିଚାଳନା ପରିଷଦ ର ସଦସ୍ୟ ମାନେ ।

ବୁଧବାର ୧୯ ନଭେମ୍ବର, ୨୦୨୫ ଭୁବନେଶ୍ୱର
WEDNESDAY 19NOVEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଆସ୍ଥା ହରାଉଛି ସରକାରୀ ସ୍କୁଲ !

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀତା ମନ୍ତ୍ରଣାଳୟର ଶିକ୍ଷା ସମ୍ପର୍କିତ କମ୍ପ୍ରେହେନସିଭ୍ ମଡ୍ୟୁଲର ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଚଳିତ ଶିକ୍ଷାବର୍ଷରେ ଦେଶରେ ପ୍ରତି ୪ଜଣରେ ଜଣେ ସ୍କୁଲ ଛାତ୍ର ଅର୍ଥାତ ହାରାହାରି ୨୭ପ୍ରତିଶତ ଛାତ୍ର ପାଠ ବୁଝିବା ପାଇଁ ଘରୋଇ ଟ୍ୟୁସନ ବା କୋଚିଂ ଉପରେ ନିର୍ଭର କରନ୍ତି । ସହରାଚଂଳରେ ୩୦.୭ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ ଟ୍ୟୁସନ ଉପରେ ନିର୍ଭର କରୁଥିବାବେଳେ ଗ୍ରାମାଚଂଳରେ ୨୫.୫ ପ୍ରତିଶତ ନିର୍ଭରଶୀଳ । ତେବେ ଘରୋଇ କୋଚିଂ ପାଇଁ ସହରାଚଂଳରେ ଗୋଟିଏ ପିଲା ପାଇଁ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପ୍ରାୟ ୪୦୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ସମୟରେ ଉଚ୍ଚ ମାଧ୍ୟମିକ ପିଲାଙ୍କ ପିଛା ୧୦,୦୦୦ଟଙ୍କା ବ୍ୟୟ କରିବାକୁ ପଡୁଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ କେବଳ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ୪୪.୬ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ସେଂଟର ଗୁଡିକରେ ଶିକ୍ଷା ନେଇଥିବା ବେଳେ ଗ୍ରାମାଚଂଳରେ ଏହା ୩୩.୧ ପ୍ରତିଶତ ରହିଛି । ଦେଶବ୍ୟାପୀ ହାରାହାରି ୩୭ପ୍ରତିଶତ ଛାତ୍ରଛାତ୍ରୀ ବିନା କୋଚିଂରେ ପାଠ ବୁଝିପାରୁନାହାଁନ୍ତି । ଯାହାକି ସ୍କୁଲଶିକ୍ଷାର କୁଶଳତା ଓ ପ୍ରାବଲ୍ୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରେ । କେବଳ ଏତିକି ନୁହେଁ କ୍ଲାସରୁମ ଶିକ୍ଷା ନିଜର ମହତ୍ୱ ହରାଉଥିବା ବେଳେ କୋଚିଂ ସେଂଟର ଗୁଡିକ ଏବେ ପିଲାଙ୍କ ପାଇଁ ଛାୟା ସ୍କୁଲରେ ପରିଣତ ହୋଇଛି । ଏହା ନିସନ୍ଦେହ ଯେ, ଦେଶରେ ଛତୁ ଫୁଟିବା ଭଳି କୋଚିଂ ସେଂଟର ଗଢି ଉଠିଥିବାବେଳେ ସେଗୁଡିକ ପିଲାଙ୍କ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ପ୍ରସ୍ତୁତ ଏବଂ ଗୁରୁତ୍ୱପୂର୍ଣ୍ଣ ଶ୍ରେଣୀରେ ପରିଣତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଏଥିଲାଗି ପରିବାରଗୁଡିକ ସେମାନଙ୍କ ବାର୍ଷିକ ବ୍ୟୟର ୯ରୁ ୧୨ପ୍ରତିଶତ ବ୍ୟୟ କରିଥାନ୍ତି ବୋଲି ରିପୋର୍ଟରେ କୁହାଯାଇଛି । କହିବା ବାହୁଲ୍ୟ ଯେ, ଶ୍ରେଣୀ କକ୍ଷ୍ୟରେ ପିଲାଙ୍କ ପ୍ରତି ଶିକ୍ଷକଙ୍କ ବ୍ୟକ୍ତିଗତ ଧ୍ୟାନର ଅଭାବ ଯୋଗୁଁ ସେମାନେ କୋଚିଂ ମୁହାଁ ହେବାକୁ ବାଧ୍ୟ ହେଉଛନ୍ତି । ସେହିପରି ପିଲାମାନେ କୋଚିଂ ମୁହାଁ ହେବା ପାଇଁ ଶିକ୍ଷକମାନେ ମଧ୍ୟ ଦାୟୀ, ଅଧିକ ଉପାର୍ଜନ ପାଇଁ ଘରୋଇ କୋଚିଂ ପାଇଁ ଶିକ୍ଷକମାନେ ବାଧ୍ୟ କରୁଥିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଆମ ରାଜ୍ୟରେ ମଧ୍ୟ ଘରୋଇ କୋଚିଂ ସେଂଟର ମୁହାଁ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ନୁହେଁ । ରିପୋର୍ଟରେ କୁହାଯାଇଛି ଯେ, ରାଜ୍ୟରେ ପ୍ରାଥମିକରୁ ଉଚ୍ଚମାଧ୍ୟମିକ ସ୍ତରରେ ୫୭.୧ ପ୍ରତିଶତ ଘରୋଇ କୋଚିଂ ସେଂଟର ବିନା ପାଠ ବୁଝିପାରୁନଥିବାବେଳେ ସହରାଚଂଳରେ ୬୬.୬ ପ୍ରତିଶତ ଓ ଗ୍ରାମାଚଂଳରେ ୫୪.୬ ପ୍ରତିଶତ ପିଲା ଘରୋଇ କୋଚିଂ ନେଉଛନ୍ତି । ଉଚ୍ଚ ମାଧ୍ୟମିକ ସ୍ତରରେ ୬୮.୭ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ଉପରେ ନିର୍ଭରଶୀଳଥିବା କୁହାଯାଇଛି । ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନ୍‌ଫର୍‌ମେସନ୍ ସିଷ୍ଟମ ଫର ଏଜୁକେଶନ(ୟୁ-ଡାଇଜ୍ ପ୍ଲସ) ୨୦୨୪-୨୫ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଚିନ୍ତାଜନକ । ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ସରକାରୀ ବିଦ୍ୟାଳୟ ସଂଖ୍ୟା ହ୍ରାସ ପାଇଥିବାବେଳେ ଘରୋଇ ସ୍କୁଲ ସଂଖ୍ୟା ବଢିଛି । ସେହିପରି ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମ ଲେଖା ହ୍ରାସ ପାଉଥିବା ସମୟରେ ଘରୋଇ ଶିକ୍ଷାନୁଷ୍ଠାନରେ ନାମଲେଖା ଆଶାତୀତ ଭାବେ ବୃଦ୍ଧି ପାଇଛି । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୧୫ ନିୟୁତ ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟର ୯.୬ ନିୟୁତ ଶିକ୍ଷକ ଏବଂ ୨୬କୋଟି ୪୦ଲକ୍ଷ ଛତ୍ରଛାତ୍ରୀଙ୍କୁ ମତ ନେଇ ଏହି ୟ-ଡାଇଜ ପ୍ଲସ ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା । ତେବେ ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କ ନାମଲେଖା ହ୍ରାସ ନିଶ୍ଚିତ ଭାବେ ଚିନ୍ତାଜନକ । ଏହା ନିସନ୍ଦେହ ଯେ, ପ୍ରାଥମିକ ଠାରୁ ଆରମ୍ଭ କରି ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ପର୍ଯ୍ୟନ୍ତ ସରକାରୀ ସ୍କୁଲରେ ଗୁଣାତ୍ମକ ଭିତଭୂମି, ତାଲିମପ୍ରାପ୍ତ କର୍ମଚାରୀ ଏବଂ ଉତରଦାୟିତ୍ୱର ଅଭାବ ଯୋଗୁଁ ଅଭିଭାବକ ଓ ପିଲା ଘରୋଇ ବିଦ୍ୟାଳୟ ମୁହାଁ ହୋଇଛନ୍ତି । କହିବା ଅଯଥାର୍ଥ ହେବ ନାହିଁ ଯେ, ସରକାରୀ ବିଦ୍ୟାଳୟରେ ଜଣେ ପିଲା ପିଛା ଯେତିକି ବ୍ୟୟ ହୋଇଥାଏ, ବେସରକାରୀ ବା ଘରୋଇ ଶିକ୍ଷାନୁଷ୍ଠାନରେ ଏହାର ୯ଗୁଣ ଦେୟ ଦେବାକୁ ହୋଇଥାଏ । ଏହା ନିସନ୍ଦେହ ଯେ, ସରକାରୀ ସ୍କୁଲର ଉନ୍ନତି ନେଇ ସରକାରଙ୍କ ବିଫଳତା କେବଳ ସ୍କୁଲ ସଂଖ୍ୟା ହ୍ରାସ ପାଇ ନାହିଁ ଶିକ୍ଷାର ମାନ ମଧ୍ୟ ହ୍ରାସ ପାଇଛି ବୋଲି କୁହାଯାଇପାରେ । ଆମ ରାଜ୍ୟ ମଧ୍ୟ ଏଥିରୁ ବାଦ ପଡିନାହିଁ । ରାଜ୍ୟରେ ୧୨୮ଟି ସରକାରୀ ସ୍କୁଲ ବନ୍ଦ ହୋଇଯାଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ସଂଖ୍ୟା ମଧ୍ୟ ଗତବର୍ଷ ତୁଳନାରେ ୧,୧୨,୮୫୮ ହ୍ରାସ ପାଇଛି । ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରିବ । ଏହା ସତ୍ୱେ ୟୁ-ଡାଇଜ ପ୍ଲସ ରିପୋର୍ଟରେ ସରକାରୀ ବିଦ୍ୟାଳୟ ସମ୍ପର୍କରେ ଯେଉଁ ସନ୍ତୋଷଦାୟକ ତଥ୍ୟ ପ୍ରକାଶ ପାଇଛି, ତାହା ହେଉଛି ଶିକ୍ଷକ ସଂଖ୍ୟା ବୃଦ୍ଧି ଓ ଅଧାରୁ ପାଠ ଛାଡୁଥିବା(ଡ୍ରପ ଆଉଟ) ଛାତ୍ରଛାତ୍ରୀଙ୍କ ହ୍ରାସ । ଦେଶ ସ୍ୱାଧୀନ ହେବା ପରଠାରୁ ଚଳିତ ଶିକ୍ଷାବର୍ଷରେ ଦେଶରେ ଶିକ୍ଷକଙ୍କ ସଂଖ୍ୟା ୧କୋଟିରୁ ଅତିକ୍ରମ କରିଛି । ଦେଶରେ ମୋଟ ଶିକ୍ଷକଙ୍କ ସଂଖ୍ୟା ୩,୪୪,୧୧୬କୁ ବୃଦ୍ଧି ପାଇଛି । ଗତବର୍ଷ ଶିକ୍ଷକଙ୍କ ସଂଖ୍ୟା ୩,୩୫,୪୯୬ ଥିଲା । ଆମ ରାଜ୍ୟରେ ଶିକ୍ଷକ ଛାତ୍ର ଅନୁପାତ ୧:୨୨ ଥିବାବେଳେ ଦେଶରେ ୧:୩୦ ରହିଛି । ଯାହା ଏକ ସକରାତ୍ମକ ସନ୍ଦେଶ ଦିଏ ।

# ମହାପ୍ରସାଦ ଓ ଗଙ୍ଗାଜଳ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

'ପ୍ରସାଦ' ସବୁ ଦେବାଦେବୀଙ୍କର ମନ୍ଦିରରେ ବା ପୂଜା ପାର୍ବଣରେ ହୁଏ । ପ୍ରସାଦକୁ ଭୋଗ କୁହାଯାଏ । ଭୋଗ ନ ହେବା ପୂର୍ବରୁ ସେହି ଭୋଗ୍ୟ ଉପକରଣ ଗୁଡ଼ିକୁ ଅମଣିଆଁ କୁହାଯାଏ । ମହାପ୍ରସାଦ କେବଳ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରସାଦ ହିଁ ସେହି ନାମର ଅଧିକାରୀ । ତାର ପୁଣ୍ୟପ୍ରଦ ଯମ ବି ଏକ ମୋକ୍ଷର ଉଚ୍ଚାରଣ ତାହା ହିଁ ଦିବ୍ୟ ସତ୍ୟର 'ଶପଥ' ହଳପାର ବିଶେଷ ପ୍ରୟୋଗ କରାଯାଉଛି ।



ଏତଦ୍ ସତ୍ୟମ, ଏତଦ ସତ୍ୟମ, ଏତଦ ସତ୍ୟମ । ଏପରି ତିନିଥର ଉଚ୍ଚାରଣ କାହାରି ନିର୍ବନ୍ଧକର୍ମରେ କନ୍ୟା ପକ୍ଷ ବରପକ୍ଷ ଏହି ବହାପ୍ରସାଦକୁ ଧରି କହିଥାନ୍ତି । ବରଯାତ୍ରୀ ବର ସହିତ ଆସି କନ୍ୟାଙ୍କ ଘରେ ବା ଉଦ୍ଦିଷ୍ଟ କଲ୍ୟାଣ ମଣ୍ଡପରେ ପହଞ୍ଚିଲେ କନ୍ୟା ପକ୍ଷର ଲେଶକେ ବରଯାତ୍ରୀ ସମସ୍ତ କୁଣିଆଙ୍କୁ ଏଇ ମହାପ୍ରସାଦ ପ୍ରଥମେ ଦେଇ ଅର୍ଚ୍ଚନା କରିଥାନ୍ତି । ଏପରି ମୂଲ୍ୟବାନ ଖାଦ୍ୟ ନାହିଁ ଯାହା ଚଣ୍ଡାଳ ବା ଭିନ୍ନ ଜାତକ ହାତରୁ ବ୍ରାହ୍ମଣ ବି ଗ୍ରହଣ କରନ୍ତି । ମହାପ୍ରସାଦ ଦିବ୍ୟ ଭୋଜନରେ ଆସେ । ଭୋଜନ ୧୬ ପ୍ରକାର ସବୁଠାରୁ ଶ୍ରେଷ୍ଠ ଭୋଜନରେ ହିଁ ଏହି ଦିବ୍ୟ ଭୋଜନ ମହାପ୍ରସାଦ । ରାଜ ପ୍ରାସାଦରେ ରାଜମହଲରେ ରାଜକୀୟ ଆହାର ଠାରୁ ଏହି ମହାପ୍ରସାଦ ବହୁ ଉଚ୍ଚରେ । ଆହାର ପ୍ରସ୍ତୁତ ଓ ପ୍ରସାଦ ବି ଦୂର ସ୍ଥାନକୁ ତାହା ଗ୍ରାହ୍ୟ ହୋଇନପାରେ, ମାତ୍ର ଶ୍ରୀ ମହାପ୍ରସାଦ ଦୂର ଦେଶକୁ ବିଭିନ୍ନ ହାତ ହୋଇଗଲେ ବି ଗ୍ରାହ୍ୟ ହୋଇଥାଏ । ମହାପ୍ରସାଦ ଏପରି ଜିନିଷ ଯେବେ ଯୋଡ଼ା ଆଷାଢ଼ ପଡ଼େ ମହାପ୍ରଭୁଙ୍କ ନବକଳେବର ହୁଏ । ଦାରୁର ସନ୍ଧାନ, ଦାରୁଙ୍କୁ ନିୟମ ବିଧିରେ ସଂଗ୍ରହ ଓ ଶ୍ରୀକ୍ଷେତ୍ରକୁ ଶଗଡ଼ିରେ ଟାଣି ଟାଣି ବହୁ ହରିବୋଲ ହୁଳହୁଳି ବାଦ୍ୟନାଦ କୀର୍ତ୍ତନାଦି ମଧ୍ୟରେ ଶ୍ରୀମନ୍ଦିରକୁ ଅଣାଯାଇ ନୂତନ ବିଗ୍ରହ କରାଯାଇ ପୁରାତନ ବିଗ୍ରହରୁ ବ୍ରହ୍ମପରିବର୍ତ୍ତନ କରାଯାଇ ପରେ ସିଂହାସନରୂଢ଼ା କରାଯାଇ ପୁନଃ ନିତ୍ୟ ନୀତିକାମ ଧାରାରେ ରଖାଯାଏ । ପ୍ରଭୁଙ୍କର ମହାପ୍ରସାଦର ଲୀଳା ଏ ମଧ୍ୟରେ ଓଡ଼ିଶାରେ ପୁର ପଲ୍ଲୀରେ ସ୍ମୃତି ରଖିବାରେ ଏହି ସମୟରେ ଅଭଡ଼ା, ନିର୍ମାଲ୍ୟ ପଦରେ ଏକି ପୁଅପିଲା ବା ଝିଅ ପିଲା ଅନ୍ୟ ଏକ ପୁଅ ବା ଝିଅ ପିଲା ସହିତ ଏକ ସମ୍ବନ୍ଧରେ ବନ୍ଧାଯାଏ । ରକ୍ତ ସମ୍ପର୍କ ପରି ସଇସଙ୍ଗାତ ସମ୍ବନ୍ଧ ଆମର ବନ୍ଧୁତ୍ୱରେ ଆତ୍ମବନ୍ଧୁ, ପିତୃବନ୍ଧୁ, ମାତୃବନ୍ଧୁ ଜ୍ଞାତି କୁଟୁମ୍ବ ପରି ଏହି ମହାପ୍ରସାଦ ଦିଆବନ୍ଧୁ ନିବିଡ଼ ସମ୍ପର୍କରେ ରହେ । ସୂର୍ଯ୍ୟବନ୍ଧୁରେ ଏହି ସମ୍ବନ୍ଧ ବହୁ ଉଚ୍ଚରେ ରହିଥାଏ । ଏକ ଗୁରୁଙ୍କ ଠାରୁ ଦୀକ୍ଷିତ ବ୍ୟକ୍ତିମାନେ ବି ନିବିଡ଼ ସମ୍ବନ୍ଧରେ ରହନ୍ତି ମାତ୍ର ଆଦର୍ଶ ରକ୍ଷାରେ ଅନେକ ହେଳା ଲୋକେ ଏବେ କରୁଛନ୍ତି । ଗଙ୍ଗାଜଳ ମଧ୍ୟ ଏହିପରି ନାରୀମାନେ ମାସିକ ରଜସ୍ରାବ ପରେ ଗଙ୍ଗାଜଳରେ ଶୌଚ ସ୍ନାନ କରିବ ଶୁଦ୍ଧ ମନେକରନ୍ତି । ଗଙ୍ଗାଜଳ କେବେ ପଚେ ବା ସଡ଼ି ଦୁର୍ଗନ୍ଧ ହୁଏନାହିଁ । ଏଥିରେ ଜୀବାଣୁ ବଂଶ ବିସ୍ତାର କରିପାରନ୍ତି ନାହିଁ । ତେବେ ଗଙ୍ଗାତୀର୍ଥ ପ୍ରୟାଗରାଜରୁ ଉପରକୁ ଉପରକୁ ଗଙ୍ଗାଙ୍କ ଉପରେ ମୁଣ୍ଡକୁ ଯେତେ ବାଟ ବଦ୍ରୀବିଶାଳ ଯାଏ ବା ଗଙ୍ଗୋତ୍ରୀ ଯାଏ ଯାଇ ପାରିବେ ସେତେ ଶୁଦ୍ଧ ଗଙ୍ଗାଜଳ ମିଳିଥାଏ । ଗଙ୍ଗାନଦୀରେ ଏ ସମୟରେ ବିଭିନ୍ନ ସହରାଞ୍ଚଳର ଆବର୍ଜନାମିଶା ପରିତ୍ୟକ୍ତଜଳ, କଳକାରଖାନାର ଜଳ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗରେ ବିଭିନ୍ନ ସ୍ଥାନରେ ମିଶୁଛି ଫଳରେ ଗଙ୍ଗା ମୁହାଣ ଯାଏ ଅପେକ୍ଷାକୃତ ଶୁଦ୍ଧତା ରହୁନାହିଁ । ଏହି ଗଙ୍ଗା ବିଷ୍ଣୁଙ୍କ ପାଦ ନଖକୋଣରୁ ବାହାରିଛନ୍ତି ଓ ଶିବଙ୍କ ମସ୍ତିଷ୍କଜଟା ବାଟେ ପୃଥିବୀକୁ ଆସି ବହି ଯାଉଛନ୍ତି । ଶିବ, ବିଷ୍ଣୁ ସମ୍ବନ୍ଧ ଗଙ୍ଗାମାଆଙ୍କର ଅଛି । ଏଇ ଗଙ୍ଗାଜଳ ପ୍ରକୃତରେ କୈବଲ୍ୟ ସମତୁଲ୍ୟ ସନାତନ ଧର୍ମର ଧରାଯାଇଛି । ଲୋକେ ଭାବନ୍ତୁ ମାଆ ଗର୍ଭଧାରଣରେ ମାଆ କେତେ ଗୋଇଠା ଭୃଣର ପରିପୃକ୍ତ ଠାରୁ ଗର୍ଭମୋକ୍ଷ ପର୍ଯ୍ୟନ୍ତ ଖାଇନାହାଁନ୍ତି । ଟିକି ପିଲା ମାଆ କୋଳରେ ଥିବା ବେଳେ ପିଲାର କେତେ ଗୋଇଠା ମାତାଙ୍କୁ ଦେଇ ନାହାନ୍ତି । ହେଲେ ମାଆ ତାକୁ ଧରି ନାହାଁନ୍ତି କି ଏ ପାଇଁ ମାଆଙ୍କର ଅଭିଶାପ ନାହିଁ । କ୍ଷମାଶୀଳା ମାଆ ସଦା କଲ୍ୟାଣ ମୁଖର । ଏପରି ଗଙ୍ଗା ସ୍ନାନ ପାଇଁ ଗଲେ ଲାକେ ଗଙ୍ଗାଜଳରେ ପାଦ ହିଁ ପ୍ରଥମେ ପକାଉଛନ୍ତି । ଯାହା ମାଆଙ୍କୁ ଗୋଇଠା ମାରିବା ସହିତ ସମାନ । ହେଲେ ସେ ଗଙ୍ଗାମାଆ ସଦା କଲ୍ୟାଣକାରୀ ଦେବୀ ମାଆ ।

ମହାପ୍ରସାଦ ଓ ଗଙ୍ଗାଜଳକୁ ଆମେ ସମ୍ମାନ ଜଣାଇବା ସହିତ ଏହାର ବିଶୁଦ୍ଧତା ପାଇଁ ଓ ତାକୁ ରକ୍ଷା ପାଇଁ ଏକ ଏକ ସଂକଳ୍ପ କରି ଯୋଦ୍ଧା ରୂପରେ କାର୍ଯ୍ୟ କରିଯିବା ନିହାତି ଆବଶ୍ୟକ । ଏହା ସଦା ପବିତ୍ରକରଣରେ ଆମର ସହାୟକ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର

### ଡାକ୍ତର ସମ୍ରାଟ କର

ବର୍ଷାତ ଦିନକୁ ଦିନ ବଢ଼ିଲାଣି । ସେ ଦିନ ବର୍ଷାଭିଜା ସକାଳୁ କ୍ଷୀପ୍ର ଲିପିକାର ବନ୍ଧୁ ଶ୍ରୀକାନ୍ତଙ୍କ ଫୋନ କଲଟି ପାଇଲି । ସେ ତାଙ୍କ ଭାଇଙ୍କ ବିଷୟରେ ବୁଝିବା ପାଇଁ ଚାହୁଁଥିଲେ । ତାଙ୍କ ଭାଇ ଏକ କର୍ମ ସଂସ୍ଥାନରେ ବୃତ୍ତିଗତ ଦାୟିତ୍ୱରେ ଅଛନ୍ତି । ତେବେ ତାଙ୍କ କହିବା ମୁତାବକ ସେ ତାଙ୍କ ଭାଇଙ୍କ ମାନସିକ ଅସ୍ୱସ୍ତିକର ଅବସ୍ଥାକୁ ଏକ ବିଲକ୍ଷଣ ଭାବେ ଭାବୁଛନ୍ତି । ତାଙ୍କ ଭାଇଙ୍କର ଯଦିଓ କୌଣସି ମାନସିକ ସମସ୍ୟା ନଥିଲା କିନ୍ତୁ ସେ ମୋ ସହିତ ପରାମର୍ଶ ମାଗିବାରୁ ମୁଁ ତାଙ୍କୁ କହିଲି ତୁମେ ଏ ନେଇ ସେପରି ବ୍ୟସ୍ତ ହୁଅନାହିଁ । କାରଣ ବାସ୍ତବ କଥା ହେଉଛି ବର୍ଷା ଦିନେ ଅନୁଭୂତ ହେଉଥିବା ଅବସାଦକୁ ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର ବା ସ୍ୟାଡ଼ କୁହାଯାଏ । ଏହି ଋତୁରେ କମ ସୂର୍ଯ୍ୟରଶ୍ମୀ ଯୋଗୁଁ ଶରୀରର ଆଭ୍ୟନ୍ତରୀଣ ସମୟସାରଣୀ ସିକାଡିଆନ ରିଦିମରେ ବିଭ୍ରାଟ ଘଟି ଆମର ମାନସିକ ଅବସ୍ଥାକୁ ପରିଚାଳନା କରୁଥିବା ମସ୍ତିଷ୍କର ସିରୋଟୋନିନ ନାମକ ରାସାୟନିକ ପଦାର୍ଥର କ୍ଷରଣ କମିଯାଇଥାଏ । ସେଥିପାଇଁ ମନରେ ଅବସାଦ ସୃଷ୍ଟି ହୋଇଥାଏ । ଏହାର ଲକ୍ଷଣ ସ୍ୱରୂପ ମନରେ ଦୁଃଖ ବା ନୈରାଶ୍ୟଜନକ ଚିନ୍ତାଧାରା ଆସିଥାଏ । ଅଧିକ ନିଦ୍ରା ଯିବା ସତ୍ତ୍ୱେ ନିଜକୁ କ୍ଲାନ୍ତ ତଥା କମ ଶକ୍ତି ସଂପନ୍ନ ମନେହୁଏ । ସକାଳୁ ନିଦରୁ ଉଠିବାକୁ ଇଚ୍ଛା ହୁଏନାହିଁ । ଶର୍କରାଜାତୀୟ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବଢ଼େ । ଆଗରୁ ଭରପୁର ଉପଭୋଗ କରୁଥିବା କାର୍ଯ୍ୟକଳାପ ପ୍ରତି ଆସକ୍ତି କମିଯାଏ । କୌଣସି ନିଷ୍ପତ୍ତି ନେବାରେ ଦ୍ୱିଧା ଲାଗେ । ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ ଠାରୁ ଦୂରେଇ ରହିବାକୁ ଇଚ୍ଛା ହୁଏ । କାରଣ ନଥାଇ ଆଣ୍ଠୁଗଣ୍ଠି ଓ ମୁଣ୍ଡବିନ୍ଧା ହୁଏ । ବେଳେ ବେଳେ ମନରେ ଆତ୍ମହତ୍ୟା ପ୍ରବଣତା ଉଦ୍ରେକ ହୁଏ ।

ଏହି ସମସ୍ୟାକୁ ମାନସିକ ଚିକିତ୍ସା ବ୍ୟବସ୍ଥାରେ ସ୍ୟାଡ଼ ବୋଲି ବୁଝିଥାଉ । ତେବେ ସ୍ୟାଡ଼ କବଳରୁ ବର୍ତ୍ତିବା ପାଇଁ ଦିନ ବେଳା ବାହାରେ ଅଧିକ ସମୟ ବୁଲାବୁଲି କରିବା ଭଲ । ଏହାଦ୍ୱାରା ଶରୀରରେ ସିରୋଟୋନିକ ସ୍ତର ବଢ଼ିପାରିବ ଏବଂ ସିକାର୍ଡ଼ିଆନ ରିଦିମ ସୁସଂଗତ ହୋଇ ଅବସାଦ କମିଯିବ । ଏଥି ସହିତ ଯୋଗ, ନୃତ୍ୟ, ଜଗିଂ ବା ୱାର୍କଆଉଟ ପରି ନିୟମିତ ଶାରୀରିକ ବ୍ୟାୟାମ ମଧ୍ୟ ଜରୁରୀ । ଏହାଦ୍ୱାରା ଏଣ୍ଡୋର୍ଫିନସ ନାମକ ହରମୋନ କ୍ଷରଣ ତ୍ୱରିତ ହୁଏ, ଯାହା ପ୍ରାକୃତିକ ଭାବେ ମନୋଭାବକୁ ଉନ୍ନତ କରିଥାଏ । ସନ୍ତୁଳିତ ଆହାର ମଧ୍ୟ ଉପଶମ ଆଣିବାରେ ସହାୟକ ହୁଏ । ବିଶେଷକରି ଓମେଗା-୩ ଚର୍ବିଳାମ୍ଳ, ଭିଟାମିନ ଡି, ଭିଟାମିନ ବି ଓ ମ୍ୟାଗ୍ନେସିୟମ ଖଣିଜସାର



ସଂପନ୍ନ ଖାଦ୍ୟ ଖାଇଲେ ଅବସାଦର ଲକ୍ଷଣ ସବୁ ଦୂରେଇଯିବ । ସେହିପରି ଅନ୍ୟ ମାନଙ୍କ ସଂସ୍ପର୍ଶରେ ଆସି ସାମାଜିକ ଭାବ ବିନିମୟ ବଜାୟ ରଖିବା ଦ୍ୱାରା ଏକାକୀତ୍ୱ ଦୂର ହୋଇଯିବା ସହ ସମର୍ଥନ ଓ ପ୍ରୋତ୍ସାହନ ମିଳିପାରିବ । ଚିତ୍ର ଆଙ୍କିବା, ବହି ପଢ଼ିବା କି ସଂଗୀତ ପରିବେଷଣ କରିବା ପରି ନିଜର ମନପସନ୍ଦର କାର୍ଯ୍ୟକଳାପରେ ମଜ୍ଜି ଯିବା ମଧ୍ୟ ଏ ଦିଗରେ ଉପାଦେୟ ।

ଏହାଦ୍ୱାରା ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବା ସହ ପୂର୍ଣ୍ଣତା ଲାଭ ହେଲା ଭଳି ଅନୁଭବ ମିଳିଥାଏ । ଯଦି ଯାବତୀୟ ପତ୍ରିକାର ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ନ ଆସେ, ତେବେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ । ଏସବୁ କ୍ଷେତ୍ରରେ ପୀଡ଼ିତଙ୍କ ପାଖ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ତାଙ୍କୁ କୌଣସି ଅସ୍ୱସ୍ତିକର ଆଲୋଚନାରେ ସମ୍ପୃକ୍ତ କରନ୍ତୁ ନାହିଁ ବରଂ ତାଙ୍କ ଖାଦ୍ୟ ଓ ବିଶ୍ରାମର ଦିଗକୁ ଟିକେ ଦେଖନ୍ତୁ । ସୁଷମ ଖାଦ୍ୟ ପ୍ରଦାନ କରନ୍ତୁ, ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ଯେପରି ଏକ ଚିନ୍ତାମୁକ୍ତ ଓ ପ୍ରଫୁଲ୍ଲିତ ସମୟ କାଟିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ । ପ୍ରଥମେ ପ୍ରଥମେ ପୀଡ଼ିତା ଜଣଙ୍କ ଅସହଯୋଗ ଓ ବିରକ୍ତିକର କରିପାରନ୍ତି । କିନ୍ତୁ ବାସ୍ତବକଥା ହେଉଛି ତାଙ୍କୁ ସବୁ କଥାରେ ସମର୍ଥନ ଦେବା ସହ ଭଲପାଇବା ଓ ପ୍ରେରଣା ସହ ସୁଖଦୁଃଖ ବାଣ୍ଟି ତାଙ୍କ ମାନସିକତାକୁ ଉଜ୍ଜୀବିତ କରାଯାଇପାରିବ । କୌଣସି ପରିସ୍ଥିତିରେ ପୀଡ଼ିତ ଜଣଙ୍କୁ ବିରକ୍ତି କର ଆଘାତ ପାଇବା ପରି କଥା କୁହନ୍ତୁ ନାହିଁ । ଯଥା ସମ୍ଭବ ଶୋଇବା ଓ ଖାଇବା ଦିଗକୁ ଦୃଷ୍ଟି ଦେବା ସହ ଯୋଗ ଅଭ୍ୟାସ ଓ ଶାରୀରିକ ଅଭ୍ୟାସ ଖୁବ ଭଲ । ପଢ଼ିବା ପାଇଁ ଚାହିଁଲେ ତାଙ୍କ ମନ ପସନ୍ଦର ପୁସ୍ତକ ଦିଅନ୍ତୁ । ବୁଲିଯିବା ପାଇଁ ଇଚ୍ଛା କରୁଥିଲେ ଦେବାଳୟ ବ୍ୟତୀତ ପ୍ରାକୃତିକ ନୈସର୍ଗୀକ କ୍ଷେତ୍ର ସବୁଜ ବନାନୀ ପାହାଡ଼ ନଦୀ ସମୁଦ୍ର କୂଳ ଏସବୁ ସ୍ଥାନକୁ ଭ୍ରମଣ ପାଇଁ ନେଇପାରନ୍ତି ।

ତାଙ୍କ ଭିତରେ ମାନସିକ ଭାବେ ଯେ କୌଣସି ସମସ୍ୟା ଯେ ରହିଛି ସେ ଯେପରି ନ ଭାବନ୍ତି ବା ନବୁଝନ୍ତି ସେ ଦିଗକୁ ଆପଣ ଦେଖନ୍ତୁ । ଅନେକ କ୍ଷେତ୍ରରେ ଦେଖାଯାଏ ପୀଡ଼ିତର ଆଖପାଖ ଲୋକଙ୍କ ସମସ୍ୟା କଥାରେ ନାହିଁ 'ଦେଉଳରୁ ମୁଖଶାଳା ବଳିଯାଏ' । ମାନସିକ ରୋଗ ବିଶେଷଜ୍ଞଙ୍କ ଉପରେ ଭରଷା ଓ ଆସ୍ଥା ରଖନ୍ତୁ ସେ ଆପଣଙ୍କୁ ଏ କ୍ଷେତ୍ରରେ ନୂଆ ଜୀବନର ଆନନ୍ଦ ଭରି ଦେବା ପାଇଁ କାର୍ଯ୍ୟ କରୁଥିବାରୁ ଚିକିତ୍ସା ସମ୍ବନ୍ଧିତ ସମସ୍ତ ତଥ୍ୟ ତାଙ୍କୁ ସୂଚୀତ କରିବେ । କୌଣସି କଥା ଗୋପନୀୟ ରଖିବେ ନାହିଁ । ପୀଡ଼ିତ ଜଣଙ୍କୁ ଧୈର୍ଯ୍ୟପୂର୍ଣ୍ଣ ଭାବେ ଦାୟିତ୍ୱ ଗ୍ରହଣ ବେଳେ ଏ ନେଇ ସର୍ବପ୍ରଥମେ ଆପଣ ମାନସିକ ଭାବେ ନିଜକୁ ସୁସ୍ଥ ଓ ପ୍ରଫୁଲ୍ଲିତ ରଖନ୍ତୁ । ଦେଖିବେ ଏହା ସେପରି ବଡ଼ ସମସ୍ୟା ହୋଇ ଆପଣଙ୍କ ପାଇଁ ରହିବ ନାହିଁ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ

# ଝିଅଟିର ନାଁ ଶବରୀ

### ଅନୀତା ପଟ୍ଟନାୟକ

ଶବରୀ ନାନୀର ଆମ ଘରେ ଭାରି ପ୍ରଭାବ । କୋରାପୁଟର କଲମପୁରର ନିପଟ ମଫସଲି ଗାଉଁଲି ଘରେ ତାର ଜନ୍ମ ହୋଇଥିଲା ବୋଲି ବାପା କହୁଥିଲେ । ଘର ଭିତରେ ମୁଣ୍ଡରେ ଓଢ଼ଣା ଦେଇ କସ୍ତା ଧଳା ଶାଢ଼ୀଟିଏ ପିନ୍ଧି ଘରର ସବୁ କାମ କରେ । ସେ ଘରୁ ବାହାରକୁ ପାଦ ଦିଏ ନାହିଁ । ବଜାରରେ କେବେ କିଣାବିକା କରେ ନାହିଁ । ବାପା କହନ୍ତି ସେ ଆଦିବାସୀ ଅଧ୍ୟୁଷିତ କୋରାପୁଟର ଜଙ୍ଗଲରେ ଝିଅଟିଏ । ଏଣେ ତେଣେ ବୁଲୁଥିବା ବେଳେ ତାକୁ ନେଇ ଆସି ତାର ନାଁ ଦେଇଥିଲେ ଶବରୀ । ଆମ ଘରକୁ ବିଭିନ୍ନ ପ୍ରକାର ଖବର କାଗଜ ଆସେ । ଶବରୀ ସେ ସବୁ ଖବର କାଗଜ ନାଁ 'ସମାଜ' ବୋଲି ଜାଣିଥିଲା । ବୋଉ ବାପା ବିଭିନ୍ନ ସମ୍ବାଦପତ୍ରର ନାଁ ଧରି ତାକୁ ଆଣିବାକୁ କହିଲେ ସେ କୌଣସି ଗୋଟିଏ ଖବରକାଗଜକୁ ଆଣି 'ସମାଜ' ଆଣିଚି କହି ଦେଇ ଦିଏ । ବାପା ହସି ଦେଲେ କେଣେ ହସୁଚ ବୋଲି କୁହେ । ମୁଁ ବାଧ ହୋଇ ଖବର କାଗଜଟିକୁ ରଖିଦେଇ 'ଟାଇମ୍ସ ଅଫ ଇଣ୍ଡିଆ' ଓ ଅନ୍ୟାନ୍ୟ କାଗଜ ଆଣି ଦିଏ । ସବୁବେଳେ କୁହେ 'ମୁଇଁ ପାଠ ପଢ଼ିଛି କି ?' ଶବରୀ ଜାଣିବାରେ ଖବରକାଗଜ ଗୁଡ଼ିକ ଘରର ଅଦରକାରୀ ଜିନିଷ ସେଗୁଡ଼ିକ ମାସ ଶେଷରେ ବିକ୍ରି ହେଲେ ଯାହା କିଛି ରେଜା ପଇସା ମିଳୁଥିଲା ବାପାଙ୍କ କହବା ମୁତାବକ ମା'ତାକୁ ବିକ୍ରି କରି ଶବରୀକୁ ଦେଇ ଦେଇଥିଲା । ଅଙ୍କ ଜାଣିନଥିବା ଦେଢ଼ ଟଙ୍କା ଓ ଅଢ଼େଇ ଟଙ୍କା ମଧ୍ୟରେ ପାର୍ଥକ୍ୟ ଜାଣି ନଥିବା ଶବରୀ ବାପା ଅଫିସରୁ ଫେରିଲେ ବାପାଙ୍କୁ କହେ 'ମା ମକେ ଦେଢ଼ଟଙ୍କା ଦେଇଚେ, ମୁଁ ମୋର ଖୁଟ ତଳେ ରଖିଚେ ।' ବାପା, ମାଆ ଅନାଅନି ହୋଇ ହସି ଦିଅନ୍ତି ।

ଆମ ଘରେ ସ୍ଥିର ହେଲା ଶ୍ରୀକ୍ଷେତ୍ରକୁ ଯିବା ପାଇଁ । ସେ ଜଗନ୍ନାଥଙ୍କୁ ପୂଜା କରେ । ସେ ଘରେ ଫୁଟିଥିବା ମନ୍ଦାରଫୁଲ ତାଙ୍କ ମୁଣ୍ଡରେ ଦିଏ । ସବୁବେଳେ କୁହେ 'ମୁଇଁ ପିଲା ଦିନେ ଯାକୁ ଦେଖିଲେ ଭାରି ଭଲଟା ମୁଁ ତାକେ ପୂଜା କରେ ସେ ମୋର କଥା ଶୁନେ । ସେ ମତେ ବାବୁଲେ ଦେଖାଇଲା । ବାବୁ ମତେ ଘିଚିଂ କରି ନେଇଆସିଲା ।' ଆମଘରେ ପୁରୀକୁ ଯିବା ପାଇଁ କଥାବର୍ତ୍ତା ହେଉଥିବା ସମୟରେ ବାପା-ସମସ୍ତଙ୍କୁ ଶୀଘ୍ର ଶୀଘ୍ର ବାହାରିବା ପାଇଁ କହିଲେ । ଶବରୀ ଆଡ଼କୁ ଅନାଇ କହିଲେ ସବୁ କାମ ସାରି ଶୀଘ୍ର ବାହାରିବୁ । ତାର ଭାଷାରେ କହିଲେ ତୋର ଦିଅଁ କେ ଦେଖବୁ । ମା' ଚାହୁଁ ନଥିଲେ ଶବରୀ ଯାଉ ସ ସେ ଘର ଜଗି କି ରହୁ । ସେ ଘରର ଗୋଟିଏ ବିଶ୍ୱସ୍ତ ଜୀବ କହିଲେ ଚଳେ । ମୋର ବାପା ମା' ପାଇଁ ଗୋଟିଏ ଷ୍ଟିଲ ଆଲମିରା ଆଣିଥିଲେ । ସେ ଥିଲେ ଗୋଟିଏ ଗୋଲିଆ ଟିଣରେ ଗୋଦରେଜ' ଲେଖାଯାଇଥିଲା । ଘରେ ସମସ୍ତେ ଗଜରେଜ କହୁ କହୁ ସେ ଶବ୍ଦଟା ଶବରୀ ଜାଣିଲା । ଦିନେ ବାପାଙ୍କୁ କହିଲା 'ମୋର ଟିଣ ବାକ୍ସରେ ମୋର ଲୁଗା ରଖି ନାହିଁ ମୋର ଗଜରେଜ' ଦରକାର । ବାପା, ମାଆଙ୍କର ସେହି ଟିଣ ଆଲମିରାଟିକୁ ଶବରୀ ଦେଇ ଦେଇ ପରବର୍ତ୍ତୀ ଅବସ୍ଥାରେ ମା'ଙ୍କ ପାଇଁ ଗୋଟିଏ ଗୋଦରେଜର ଆଲମାରୀ ଆଣିଦେଇଥିଲେ । ବାପା ମୋ ଆଡ଼କୁ ଅନାଇ କହିଲେ କାଲି ସକାଳ ୫ଟାରେ ଗୋଟାଏ ଓଲା ବୁକ୍ କରିଦେବୁ । ଆମ ଶବରୀ ଓଲାରେ ବସି ଆମ ସହ ପୁରୀକୁ ଯିବ । ଏକଥା ଶୁଣି ଶବରୀ କହିଲା, 'ନାଇଁ ଲୋ ବାବା ମୁଁ ପୁରୀ ନାଇଁ ଯାଏ । ମୁଁ କୋଉ ଓଲା ସଙ୍ଗେ ନାଇଁ ଯାଏ । ଓଲା ମତେ କେଣେ ନେଇଯିବ । ଓଲା କିଛି ଜାଣେନା । ମତେ କୋଉଠି ବିକି ଦେବ । ମୁଇଁ ଘର ଜଗି କରି ରହିବି । କୋଉ ଓଲା ପିଲା ସାଙ୍ଗେ ଯିବିନି ମୋତକ ଡର ଲାଗୁଚେ ।'

ଆମେ ଯେତେ ବୁଝାଇଲୁ ଓଲା ଗୋଟିଏ କମ୍ପାନୀର ନାମ ଯେକି ଗାଡ଼ି ବ୍ୟବସାୟ କରନ୍ତି ଓ ସେହି କମ୍ପାନୀ ଗାଡ଼ିରେ ଆମେ ପୁରୀ ଯିବା, ମହାପ୍ରସାଦ ଖାଇବା, ସମୁଦ୍ର କୂଳରେ ବୁଲିବା ଇତ୍ୟାଦି ଇତ୍ୟାଦି । ଶବରୀ କିନ୍ତୁ ମାଁଙ୍କ ଫଣଫଣିଆ ମୁହଁ ଦେଖି ଜାଣିଲ । ତାଙ୍କ ସହ ଏକା ସଙ୍ଗରେ ଶବରୀ ଯାଉ ସେ କଥାରେ ଚାହୁଁନାହାଁନ୍ତି କାରଣ ମା ଥରେ ବି ଶବରୀକୁ ପୁରୀ ଯିବା ପାଇଁ କହିନଥିଲେ । ଖାଲି ଖୁସି ହୋଇ କହୁଥାନ୍ତି ଓଲା କେତେବେଳେ ଆସିବ । ଶବରୀ ବୁଝି ପାରିଲା କିଛି ଗୋଟେ ମାଁଙ୍କ ମନ୍ଦ ଉଦ୍ଦେଶ୍ୟ ଅଛି । କୋଉ ଗୋଟା ଓଲାକୁ ଡାକି ଜଙ୍ଗଲରେ ଛାଡ଼ି ଦେଲେ ତାର କ'ଣ ଅବସ୍ଥା ହେବ । ତେଣୁ ସେ ପୁରୀ ଗଲାନାହିଁ । ଆମେ ସମସ୍ତେ ପୁରୀ ଗଲୁ । ବହୁତ ବୁଲାବୁଲି କଲୁ । ମଜା କଲୁ । ଶବରୀ ଘର ଜଗି ରହିଲା । ମା' ତା ପାଇଁ ଗୋଟିଏ ଧଳା ଶଙ୍ଖ ଟିଏ ବଡ଼ଦାଣ୍ଡରୁ କିଣିଲେ । କହିଲେ ସେ ବଣଭାଲୁ ଶଙ୍ଖଟାକୁ ଠିକ ବୁଝି ପାରିବ ଓ ସନ୍ଧ୍ୟାରେ ବଜାଇବ । ଘରକୁ ଫେରି ମା' ଶଙ୍ଖଟିକୁ ନେଇ ତାକୁ ଦେଲେ କହିଲେ ସଞ୍ଜ ବେଳେ ଏହାକୁ ତିନିଥର ଫୁଙ୍କିବ । କିନ୍ତୁ ଏ କ'ଣ ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ତାର ଜଗନ୍ନାଥଙ୍କ ମୁଣ୍ଡ ଉପରେ ସୁନ୍ଦର ସୁନ୍ଦର ମନ୍ଦାର ଫୁଲ ଦିଆଯାଇଛି । ଫଟୋରୁ ମହୁ ଝରୁଛି ଓ କଳା ପିମ୍ପୁଡ଼ି ସେଠାରେ ମନ୍ଦା ମନ୍ଦା ହୋଇ ବସିଛନ୍ତି ।

ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬



## ଟ୍ରମ୍ପଙ୍କ ଟାର୍ଗେଟରେ ଆମେରିକୀୟ

**ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି):** ଏଥର ଟ୍ରମ୍ପଙ୍କ ଟାର୍ଗେଟରେ ଆମେରିକୀୟ । କହିଲେ,ଆମେ ମାଇକ୍ରୋଚିପ୍ ବି ତିଆରି କରିପାରିବାନି । ହେଲେ ହଠାତ କାହିଁକି ଏମିତି କହିଲେ ଟ୍ରମ୍ପ ତାହାକୁ ନେଇ ଚର୍ଚ୍ଚା ଜୋର । ଡୋନାଲ୍ଡ ଟ୍ରମ୍ପ ଏକ ବିବାଦୀୟ ବୟାନ ଦେଇ କହିଛନ୍ତି ଯେ ଆମେରିକୀୟମାନେ ମାଇକ୍ରୋଚିପ୍ସ କିପରି ତିଆରି କରାଯାଏ ତାହା ଜାଣନ୍ତି ନାହିଁ ଏବଂ ଆମେରିକା ଏହି ଶିଳ୍ପକୁ ତାଇୱାନ ହାତରେ ଦେଇଛି । ସେ ଦେଶ ଘରୋଇ ଚିପ୍ ଉତ୍ପାଦନ ଶିଳ୍ପକୁ ପୁନଃନିର୍ମାଣ କରିବାକୁ ଚେଷ୍ଟା କରୁଛି । ତେବେ ଟ୍ରମ୍ପଙ୍କ ମତରେ, ଆମେରିକାର କର୍ମଜୀବୀଙ୍କ ପାଖରେ ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ଆବଶ୍ୟକୀୟ ବୈଷୟିକ କୌଶଳର ଅଭାବ ରହିଛି । ଟ୍ରମ୍ପ କହିଛନ୍ତି, ଯଦି ଆପଣ ଚିପ୍ ତିଆରି କରିବାକୁ ଯାଉଛନ୍ତି ତେବେ ଟ୍ରେନିଂ ନେବାକୁ ପଡ଼ିବ । ହେଲେ ଏବେ ଆମେରିକା ତାଇୱାନ ଉପରେ ଚିପ୍ ନିର୍ମାଣ କରିବାକୁ ନିର୍ଭରଶୀଳ । ଏହା ଆଦୌ ଠିକ୍ ନୁହେଁ ଅର୍ଥାତ ଆମେରିକା ନିଜେ ଚିପ୍ ତିଆରି କରିବାର ଆବଶ୍ୟକତା ରହିଛି । ସେ ଆହୁରି ମଧ କହିଛନ୍ତି ଯେ ଆମେରିକାର ଚିପ୍ ବଜାର ଖୁବ୍‌ଶୀଘ୍ର ପୁନରୁଦ୍ଧାର ହେବ ଏବଂ କିଛି ବର୍ଷ ମଧ୍ୟରେ ଘରୋଇ ଉତ୍ପାଦନରେ ବୃଦ୍ଧି ଘଟିବ । ତେବେ ସେ ଆମେରିକୀୟ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ୨୦୨୨ ଚିପ୍ସ ଆକ୍ଟକୁ ଏକ ବିପର୍ଯ୍ୟୟ ବୋଲି କହିଛନ୍ତି ଟ୍ରମ୍ପ । ଟ୍ରମ୍ପ ଆହୁରି ମଧ କହିଛନ୍ତି ଯେ କେତେକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପରେ ଆମରିକାରେ କୁଶଳୀ ଶ୍ରମିକଙ୍କ ଅଭାବ ରହିଛି । ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି, ବିନା ପ୍ରତିଭାରେ କୌଣସି କାମ କରିବା ସମ୍ଭବ ନୁହେଁ । ତେଣୁ ଲୋକଙ୍କୁ ଉପଯୁକ୍ତ ତାଲିମ୍ ଦେବା ପରେ ହିଁ କାମ କରିହେବ । ତେବେ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ରିପବ୍ଲିକାନ୍ ସହଯୋଗୀଙ୍କ ମଧ୍ୟରେ ଏକ ବିତର୍କ ସୃଷ୍ଟି କରିଛି । ଯେଉଁମାନଙ୍କ ମଧ୍ୟରୁ ଅନେକ H-1B ଭିସାକୁ ସମାପ୍ତ କରିବାକୁ ଦାବି କରୁଛନ୍ତି । କଥାହେଲା,ମାଇକ୍ରୋଚିପ୍ ଉଦ୍ଭାବନ କରିଥିବା ଦୁଇଜଣ ବ୍ୟକ୍ତି-ଜ୍ୟାକ୍ କିଲବି ଏବଂ ରବର୍ଟ ନୋଏସ୍- ଆମେରିକୀୟ ଇଞ୍ଜିନିୟର ଥିଲେ ଏବଂ ସେମାନେ ଆମେରିକାରେ ହିଁ କାମ କରୁଥିଲେ । ସୂଚନା ଅନୁସାରେ, ୧୯୯୦ରେ ଆଧୁନିକ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷମତାର ୩୭% ଆମେରିକାରେ ଥିବାବେଳେ ଆଜି ଏହା ୧୨%କୁ ଖସି ଆସିଛି । ଯାହାକୁ ନେଇ ଏବେ ଟ୍ରମ୍ପ କିଛି ଏମିତି ବୟାନ ଦେଇଛନ୍ତି ।

## ଦିଲ୍ଲୀର ୪ଟି କୋର୍ଟ ଓ ଦୁଇଟି ସ୍କୁଲକୁ ବମରେ ଉଡାଇବା ଧମକ

**ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି):** ଦିଲ୍ଲୀର ୪ ଜିଲ୍ଲା କୋର୍ଟକୁ ମଙ୍ଗଳବାର ବୋମା ବିସ୍ଫୋରଣ କରି ଉଡାଇବାର ଧମକ । ଏହାପରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରି ଦିଆଯାଇଛି । ସାକେତ, ଦ୍ୱାରକା, ପଟିୟାଲା ହାଉସ ଓ ରୋହିଣୀ କୋର୍ଟକୁ ତୁରନ୍ତ ଖାଲି କରି ତଲାସୀ ଅଭିଯାନ ଚାଲିଥିଲା । ବମ୍ ଧମକ କାରଣରୁ କୋର୍ଟ କାର୍ଯ୍ୟାନୁଷ୍ଠାନ ତୁରନ୍ତ ରୋକି ଦିଆଯାଇଥିଲା । ସବୁ ବିଚାରପତି,ଓକିଲ,କର୍ମଚାରୀ ଓ ଆଗନ୍ତୁକଙ୍କୁ ତୁରନ୍ତ ବିଲ୍ଡିଂରୁ ବାହାର କରି ଦିଆଯାଇଥିଲା । ବମ୍ ନିରୋଧି ଦଳ ଓ ସୁରକ୍ଷାକର୍ମୀ ପୁରା ପରିସରକୁ ଯାଞ୍ଚ କରିଥିଲେ । ସୁରକ୍ଷା ଯାଞ୍ଚ ପୁରା ହେବା ପରେ ମଧ୍ୟାହ୍ନ ଭୋଜନ ପରେ କୋର୍ଟ କାର୍ଯ୍ୟାନୁଷ୍ଠାନ ପୁଣିଥରେ ଆରମ୍ଭ କରିବାର ଅନୁମତି ମିଳିପାରେ । ସାକେତ କୋର୍ଟ ବାର ଆସୋସିଏସନ୍ ସଚିବ, ଅନିଲ ବସୋୟା କୋର୍ଟରେ ଓକିଲ ଏବଂ ଅନ୍ୟ କର୍ମଚାରୀଙ୍କୁ ଆଗାମୀ ଦୁଇ ଘଣ୍ଟା କାର୍ଯ୍ୟ ବନ୍ଦ କରିବାର ସୂଚନା ଦେଇଥିଲେ । ତେବେ ଏହା ପ୍ରଥମ ଥର ନୁହେଁ, ଯେତେବେଳେ ଦିଲ୍ଲୀର କୋର୍ଟକୁ ଏଭଳି ଧମକ ସାମନା କରିବାକୁ ପଡିଛି । ସେପ୍ଟେମ୍ବରରେ ଦିଲ୍ଲୀ ହାଇକୋର୍ଟକୁ ମଧ ବମ୍ରେ ଉଡାଇବାର ଏକ ଇମେଲ ମିଳିଥିଲା,



ଯାହାକି ଆତଙ୍କୀ ସଂଗଠନ ଜେଶ-ଇ-ମହମ୍ମଦ ନାଁରେ ଆସି ଏହାପରେ ବିଚାରପତିଙ୍କୁ ହଠାତ କୋର୍ଟ କାର୍ଯ୍ୟ ଛାଡିବାକୁ ପଡିଥିଲା । ଏହାପରେ କୋର୍ଟ ପରିସରକୁ ଖାଲି କରାଯାଇଥିଲା । ଏହି ଘଟଣା କୋର୍ଟଙ୍କ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରିଛି । ଅନ୍ୟପକ୍ଷେ ରୋହିଣୀ ଓ ପଟିୟାଲା ହାଉସ କୋର୍ଟରେ ତଲାସର ଅଭିଯାନ ଜାରି ରହିଛି । ଜାତୀୟ ତଦନ୍ତକାରୀ ଏଜେନ୍ସି ଦ୍ୱାରା ଅଭିଯୁକ୍ତ ଜସିର ବିଲାଲ ଓରଫ୍ ଦାନିଶଙ୍କ ହାଜର ପୂର୍ବରୁ ପଟିୟାଲା ହାଉସ କୋର୍ଟରେ ବମ୍ ନିରୋଧି ଟିମ୍ ଓ ଡଗ୍ ସ୍କ୍ୱାର୍ଡଙ୍କ ଟିମ୍ ଯାଞ୍ଚ କରୁଛି । ନୂଆଦିଲ୍ଲୀ ବାର ଆସୋସିଏସନ୍ ଉପାଧକ୍ଷ, ଆଡଭୋକେଟ୍ ନଭନୀତ ପାୱାର ୪ ଜିଲ୍ଲା କୋର୍ଟଙ୍କୁ ମିଳିଥିବା ବମ୍ ଧମକ ପରେ ଇମେଲରେ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ସକାଳେ ଇମେଲ ଜରିଆରେ ସାକେତ ଓ ପଟିୟାଲା ହାଉସ ସମେତ ବହୁ କୋର୍ଟର ଜିଲ୍ଲା ଜଜ୍‌ଙ୍କୁ ବମ୍ ଧମକ ମିଳିଥିଲା । ସେଭଳି ଦିଲ୍ଲୀର ଦୁଇଟି କେନ୍ଦ୍ରୀୟ ରିଜର୍ଭ ପୁଲିସ ସ୍କୁଲକୁ ବମରେ ଉଡାଇବାର ଧମକପୂର୍ଣ୍ଣ ଇ-ମେଲ୍ ମିଳିଥିଲା । ଏହାପରେ ଆତଙ୍କ ଖେଳି ଯାଇଥିଲା । ଏହାପରେ ପୁଲିସ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି ।

## ଟ୍ରମ୍ପଙ୍କ ଗାଜା ପିସ୍ ପ୍ଲାନକୁ ମିଳିଲା ଜାତିସଂଘର ସ୍ୱୀକୃତି

**ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି):** ଗାଜା ଶାନ୍ତି ଯୋଜନାକୁ ମୋହର । ଜାତିସଂଘ ସୁରକ୍ଷା ପରିଷଦରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦ ସୂତ୍ରୀ ଶାନ୍ତି ଯୋଜନାକୁ ସ୍ୱୀକୃତି ମିଳିଛି । ଟ୍ରମ୍ପଙ୍କ ଗାଜା ପିସ୍ ପ୍ଲାନ୍ ଡ୍ରାଫ୍ଟ ପ୍ରସ୍ତାବରେ ମୋହର ବାଜିଛି । ଯେଉଁଥିରେ ଗାଜାରେ ସଂଘର୍ଷ ବିରାମ, ପୁନଃନିର୍ମାଣ ନେଇ ୨୦ ସୂତ୍ରୀୟ ରୋଡ୍ମ୍ୟାପ ପ୍ରସ୍ତୁତ ହୋଇଛି । ପ୍ରସ୍ତାବ ସପକ୍ଷରେ ୧୩ ଭୋଟ୍ ପଡିଛି । ବଡ଼ କଥା ହେଉଛି ଯୁଦ୍ଧଗ୍ରସ୍ତ ୟୁକ୍ରେନ୍ ଓ ରୁଷ୍ ଭୋଟ୍ରେ ସାମିଲ ନହେବାକୁ ନିଷ୍ପତ୍ତି ନେଇଥିଲେ । ସେପଟେ ପ୍ରସ୍ତାବରେ ଥିବା ସେନା ମତୟନକୁ ତୀବ୍ର ବିରୋଧ କରିଛି ହମାସ । ୟୁଏନରେ ଗାଜାର ଭବିଷ୍ୟତ ଉପରେ ମୋହର ବାଜିଛି । ଇଣ୍ଟରନ୍ୟାସନାଲ ଫୋର୍ସ ଏବଂ ଟ୍ରମ୍ପଙ୍କ ହାତରେ ଏବେ ରିମୋଟ ରହିବ । ଏହି ପ୍ରସ୍ତାବରେ ଅନ୍ତରାଷ୍ଟ୍ରୀୟ ସେନା ମୁତୟନ ସାମିଲ ଅଛି । ୱାଶିଂଟନର ୨୦ ସୂତ୍ରୀ ଫ୍ରେମ୍‌ୱାର୍କରେ ଗାଜା ସଂଘର୍ଷ ବିରାମ, ପୁନଃନିର୍ମାଣ ଏବଂ ଶାସନ ପାଇଁ ପ୍ରଥମ ବ୍ୟାପକ ଅନ୍ତରାଷ୍ଟ୍ରୀୟ ରୋଡମ୍ୟାପ୍ ଆଲୋଚନା ହୋଇଛି । ପ୍ରସ୍ତାବରେ ୨୦୨୭ ଯାଏ ଏକ ଶାନ୍ତି ବୋର୍ଡ ଗଠନର ଆହ୍ୱାନ ଏବଂ ପାଲେଷ୍ଟାନୀୟ ଦେଶର ଭବିଷ୍ୟତ ଏକ ଜଟିଳ ପଥ ରୂପରେଖା ଦିଆଯାଇଛି । ଇସ୍ରାଏଲ ଓ ହମାସ ଗତମାସରେ ଏହି ଯୋଜନା ପ୍ରଥମ ପର୍ଯ୍ୟାୟରେ ସହମତି କରି ୨ ବର୍ଷ ପାଇଁ ଯୁଦ୍ଧକୁ ରୋକିଥିଲେ ଏବଂ ବନ୍ଧକଙ୍କୁ ମୁକ୍ତ କରିବାକୁ ବ୍ୟବସ୍ଥା କରିଥିଲେ । ସୁରକ୍ଷା ପରିଷଦର ଏହି ନିଷ୍ପତ୍ତିକୁ ଖାରଜ କରିଛି ହମାସ । ଗାଜାର ହମାସ ଶାସକମାନେ କହିଛନ୍ତି ଯେ, ସେମାନେ ଜାତିସଂଘ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । କାରଣ ଏହା ପାଲେଷ୍ଟାଇନୀମାନଙ୍କ ଦାବି ଏବଂ ଅଧିକାରକୁ ସମ୍ମାନ କରିବାରେ ବିଫଳ ହୋଇଛି । ଏହି ପ୍ରସ୍ତାବ ଆମର ପାଲେଷ୍ଟାଇନୀ ଲୋକଙ୍କ ରାଜନୈତିକ ଏବଂ ମାନବିକ ଦାବି ଏବଂ ଅଧିକାରକୁ ପୂରଣ କରେ ନାହିଁ ବୋଲି ଆତଙ୍କବାଦୀ ସଂଗଠନ ଏକ ବିବୃତ୍ତିରେ କହିଛି ।

## ମୁଦ୍ରିତ ଗଣମାଧ୍ୟମରେ ବିଜ୍ଞାପନ ଦର ୨୬% ବଢିଲା

**ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି):** ମୁଦ୍ରିତ ଗଣମାଧ୍ୟମ ପାଇଁ ସରକାରୀ ବିଜ୍ଞାପନ ଦରରେ ୨୬% ବୃଦ୍ଧିକୁ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅନୁମୋଦନ ଦେଇଛି । ଦୈନିକ ୧ ଲକ୍ଷ କପି ପ୍ରକାଶିତ ହେଉଥିବା ଖବରକାଗଜରେ କଳାଧଳା ବିଜ୍ଞାପନ ଦର ବର୍ଗ ସେଣ୍ଟିମିଟର ପିଛା ୪୭ ଟଙ୍କା ୪୦ ପଇସାରୁ ୫୯ ଟଙ୍କା ୬୮ ପଇସାକୁ ବୃଦ୍ଧି କରାଯାଇଛି । ରଙ୍ଗିନ ବିଜ୍ଞାପନ ଏବଂ ପସନ୍ଦଯୋଗ୍ୟ ସ୍ଥାନରେ ବିଜ୍ଞାପନକୁ ସ୍ଥାନିତ କରିବା ଲାଗି ପ୍ରିମିୟମ୍ ଦର ସକାଶେ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବା ଲାଗି ସରକାର ରାଜି ହୋଇଛନ୍ତି । ମୁଦ୍ରିତ ଗଣମାଧ୍ୟମରେ ସରକାରୀ ବିଜ୍ଞାପନ ଦର ସଂଶୋଧନ ସମ୍ପର୍କରେ ସୁପାରିସ କରିବା ପାଇଁ ଏଏସ୍‌ଆଣ୍ଡ୍‌ଏଫ୍‌ଏ (ସୂଚନା ଓ ପ୍ରସାରଣ)ଙ୍କ ଅଧ୍ୟକ୍ଷତାରେ ନବମ ଦର ଢାଞ୍ଚା କମିଟି ୨୦୨୩ ସେପ୍ଟେମ୍ବର ୨୩ରେ ଏହାର ସୁପାରିସ ଦାଖଲ କରିଥିଲା । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଏକ ନୋଡାଲ୍ ମିଡିଆ ୟୁନିଟ୍ ରୂପରେ କାର୍ଯ୍ୟ କରୁଥିବା କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ରେ ତାଲିକାଭୁକ୍ତ ହୋଇଥିବା ମୁଦ୍ରିତ ଗଣମାଧ୍ୟମଗୁଡ଼ିକୁ ସରକାରୀ ବିଜ୍ଞାପନ ଜାରି କରାଯାଏ । ସିବିସି ଦ୍ୱାରା ମୁଦ୍ରିତ ଗଣମାଧ୍ୟମରେ ବିଜ୍ଞାପନ ପ୍ରକାଶନର ହାର ଶେଷ ଥର ପାଇଁ ମନ୍ତ୍ରଣାଳୟ ଦ୍ୱାରା ୨୦୧୯ ଜାନୁଆରି ୯ରେ ଅଷ୍ଟମ ଦର ଢାଞ୍ଚା କମିଟି (ଆରଏସ୍ସି)ର ସୁପାରିସ ଆଧାରରେ ସଂଶୋଧନ କରାଯାଇଥିଲା, ଯାହା ତିନି ବର୍ଷ ପାଇଁ ବୈଧ ଥିଲା ।

## ଭାରତ-ଆମେରିକା ବାଣିଜ୍ୟ ରାଜିନାମା ପ୍ରଥମ ପର୍ଯ୍ୟାୟ ନେଇ ସହମତି !

**ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି):** ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମାକୁ ନେଇ ଚାଲିଥିବା ଆଲୋଚନାରେ ବଡ଼ ସଫଳତା ମିଳିଛି । ଏହାର ପ୍ରଥମ ପର୍ଯ୍ୟାୟ ପ୍ରାୟ ଚୂଡାନ୍ତ ହୋଇସାରିଛି ବୋଲି ଭାରତ ପକ୍ଷରୁ ମୁଖ୍ୟଚାଲକର ନେତୃତ୍ୱ ନେଇଥିବା ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଦୁଇଟି ଉପାୟରେ ଆମେରିକା ସହ ଆଲୋଚନା ହେଉଛି । ଯେଉଁ ପ୍ରସଙ୍ଗଗୁଡ଼ିକ ପାଇଁ ଅଧିକ ସମୟ ଲାଗିବ ତାହାକୁ ଅଲଗା ରଖି ଆଲୋଚନା କରାଯାଉଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଶୁଳ୍କ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରାଯାଉଛି । ବର୍ତ୍ତମାନ ଭର୍ଚୁଆଲ ମାଧ୍ୟମରେ ଉଭୟ ପକ୍ଷ ଆଲୋଚନା କରୁଛନ୍ତି । ଆମେରିକା ଦୁଇଟି ପର୍ଯ୍ୟାୟରେ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛି । ପ୍ରଥମେ ଏହା ୨୫ ପ୍ରତିଶତ ପାଲଟା ଶୁଳ୍କ ଲଗାଇଥିଲା । ରୁଷରୁ ତେଲ କ୍ରୟ କରୁଥିବାରୁ ଜରିମାନା ଆକାରରେ ଆଉ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲା । ଏବେ ସେହି ଦୁଇ ପ୍ରକାର ଶୁଳ୍କ କମ କରିବା ଲାଗି ଭାରତ କଥାବାର୍ତ୍ତା କରୁଛି । ପାଲଟା ଶୁଳ୍କ କମାଇବା ଓ ଆମେରିକା ପାଇଁ ନିଜ ବଜାରକୁ ଅଧିକ ଖୋଲା କରିବା ନେଇ ହେଇଥିବା ଆଲୋଚନା ପ୍ରାୟ ଚୂଡାନ୍ତ ହୋଇଯାଇଛି । ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନାକୁ ନେଇ ଆମେରିକାଠାରୁ ଭାରତ ଏକ ନିର୍ଭର ପ୍ରତିଶ୍ରୁତି ଆଶା କରୁଛି । ଶୀତ ଋତୁ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ରାଜିନାମା ଚୂଡାନ୍ତ ହେବାର ସମ୍ଭାବନା ରହିଛି । ଜଣେ ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଆଉ ଆଲୋଚନାର କିଛି ଆବଶ୍ୟକତା ନାହିଁ । ଭାରତ ଉପରେ ଆମେରିକା ଗତ ଅଗଷ୍ଟ ୨୭ରୁ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି । ସେହି ଶୁଳ୍କ ଅଧିକାଂଶ ଭାରତୀୟ ସାମଗ୍ରୀକୁ ପ୍ରଭାବିତ କରିଛି । ତେଣୁ ଶୀଘ୍ର ରାଜିନାମା କରି ଆଶ୍ୱସ୍ତି ପାଇବାକୁ ଭାରତ ଉଦ୍ୟମ କରୁଛି । ଆମେରିକା ଲଗାଇଥିବା ଟିକସ ଭାରତର ୪୮୨୦ କୋଟି ଡଲାରର ରପ୍ତାନିକୁ ପ୍ରଭାବିତ କରିବା ଆଶଙ୍କା ରହିଛି ।

## ୟୁକ୍ରେନ ଉପରେ ରୁଷର ପ୍ରଚଣ୍ଡ ହମ୍ଲା

**ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି):** ୟୁକ୍ରେନ୍ ଉପରେ ରୁଷ୍ ପ୍ରଚଣ୍ଡ ଆକ୍ରମଣ କରିଛି । ଏଥିରେ ଅନେକ ଆବାସିକ ଅଞ୍ଚଳ ଧ୍ୱଂସସ୍ତୂପ ହୋଇଛି । ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି କହିଛନ୍ତି ଯେ, ରାତିସାରା ରୁଷ ମିସାଇଲ ମାଡ଼ କରିଥିଲା । ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ଅନେକ ଆହତ ହୋଇଛନ୍ତି । ଟେଲିଗ୍ରାମରେ ଏକ ବିବୃତ୍ତିରେ, ଜେଲେନ୍ସ୍କି କହିଛନ୍ତି ଯେ, ରୁଷ ୟୁକ୍ରେନର ଆବାସିକ ଅଞ୍ଚଳ, ଭିତ୍ତିଭୂମି ଏବଂ ନାଗରିକ ନିର୍ମାଣ କମ୍ପାନୀଗୁଡ଼ିକୁ ଟାର୍ଗେଟ କରି ୫୮୦ ଡ୍ରୋନ୍ ଏବଂ ୪୦ଟି ମିସାଇଲ ନିକ୍ଷେପ କରିଛି । ଆକ୍ରମଣରେ ଅନେକ ଲୋକ ଆହତ ହୋଇଛନ୍ତି । ରାତିତମାମ, ୟୁକ୍ରେନ ଏକ ବଡ଼ ରୁଷିଆ ଆକ୍ରମଣର ଶିକାର ହୋଇଛି । ଏପରି ଆକ୍ରମଣ ଏକ ସାମରିକ ଆବଶ୍ୟକତା ନୁହେଁ, ବରଂ ନାଗରିକମାନଙ୍କୁ ଆତଙ୍କିତ କରିବା ଏବଂ ଆମର ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ଏକ ସୁଚିନ୍ତିତ ରୁଷିଆ ରଣନୀତି । ସୋସିଆଲ ମିଡିଆରେ ଧ୍ୱଂସର ଚିତ୍ର- ଭଙ୍ଗା ଝରକା ଏବଂ ଭୁଶୁଡ଼ି ପଡ଼ିଥିବା ଛାତ ସହିତ କ୍ଷତିଗ୍ରସ୍ତ କୋଠାଗୁଡ଼ିକର ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି । ୟୁକ୍ରେନର ନିପର ଅଞ୍ଚଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୬ ଜଣ ଆହତ ହୋଇଛନ୍ତି । ଉତ୍ତରରେ ଚେର୍ନିହିଭ୍ ଅଞ୍ଚଳ ଏବଂ ପଶ୍ଚିମରେ ଖମେଲନିଟସ୍କି ଅଞ୍ଚଳରେ ୨ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ସ୍ଥାନରେ, ଘର ଏବଂ କାରରେ ନିଆଁ ଲାଗିଯାଇଛି, ଏବଂ କୃଷି ଗୋଦାମ ପୋଡ଼ି ଯାଇଥିବା ଜଣାପଡ଼ିଛି । ୟୁକ୍ରେନ ବାୟୁସେନା ଅନୁଯାୟୀ, ୫୫୨ ଡ୍ରୋନ୍ ଏବଂ ୩୧ କ୍ଷେପଣାସ୍ତ୍ର ଖସାଇ ଦିଆଯାଇଛି । ରାଷ୍ଟ୍ରପତି ଜେଲେନସ୍କି ୟୁକ୍ରେନର ସହଯୋଗୀମାନଙ୍କୁ ସାମରିକ ସହାୟତା ପ୍ରଦାନ କରିବାକୁ ଏବଂ ମସ୍କୋ ଉପରେ କଟକଣା ଲଗାଇବାକୁ ଅପିଲ କରିଛନ୍ତି । ପୋଲାଣ୍ଡ ସୀମା ରକ୍ଷକଙ୍କ ଅନୁଯାୟୀ, ଦୁଇଟି ରୁଷୀୟ ଲଢୁଆ ବିମାନ ବାଲ୍ଟିକ୍ ସାଗରରେ ଥିବା ଏକ ପୋଲାଣ୍ଡ ତୈଳ ପ୍ଲାଟଫର୍ମର ସୁରକ୍ଷା କ୍ଷେତ୍ର ଉଲ୍ଲଂଘନ କରିଥିଲେ । ଏହି ସମୟରେ, ୩ଟି ରୁଷୀୟ ଲଢୁଆ ବିମାନ ନାଟୋ ନିୟମ ଉଲ୍ଲଂଘନ କରି ଏଷ୍ଟୋନିଆ ଏୟାରସ୍ପେସରେ ପ୍ରବେଶ କରିଥିଲେ । MiG-31 ବିମାନ ୧୨ ମିନିଟ୍ ପାଇଁ ସେଠାରେ ରହିଥିଲା । ଏଷ୍ଟୋନିଆ ପ୍ରଧାନମନ୍ତ୍ରୀ କ୍ରିଷ୍ଟେନ୍ ମାଇକେଲ୍ କହିଛନ୍ତି ଯେ, ତାଙ୍କ ଦେଶ ରୁଷୀୟ ଲଢୁଆ ବିମାନ ଦ୍ୱାରା ଏହାର ଏୟାରସ୍ପେସ୍ ଉଲ୍ଲଂଘନ ଉପରେ ନାଟୋ ଧାରା ୪ ପରାମର୍ଶ ପାଇଁ ଅନୁରୋଧ କରିବ । ବୈଦେଶିକ ମନ୍ତ୍ରୀ ମାର୍ଗସ୍ ସାଖ୍ନା କହିଛନ୍ତି, ଋଷ ଏହି ବର୍ଷ ୪ ଥର ଏଷ୍ଟୋନିଆ ଏୟୋସ୍ପେସ ଉଲ୍ଲଂଘନ କରିସାରିଛି, ଯାହା ଗ୍ରହଣୀୟ ନୁହେଁ ।



## ଚିରାଗଙ୍କୁ ବଡ଼ ଦାୟିତ୍ୱ ଦେଇପାରେ ବିଜେପି

**ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି):** ବିହାର ନିର୍ବାଚନରେ ବାଜି ମାରିଛି ଏନଡିଏ । ଆଉ ଏବେ ସରକାର ଗଠନ କରିବାର ସମୟ । ବିହାରରେ କେଉଁ ଫର୍ମୁଲାରେ ଏଥର ସରକାର ହେବ, ତାକୁ ନେଇ ଏବେ ସବୁଠି ଚର୍ଚ୍ଚା । ଆଉ ଏହାରି ଗୋଟିଏ ବଡ଼ କଥା ସାମ୍ନାକୁ ଆସିଛି । କୁହାଯାଉଛି ବିହାରରେ ଚିରାଗ ପାସୱାନଙ୍କୁ ମିଳିପାରେ କିଛି ବଡ଼ ଦାୟିତ୍ୱ । ଖାସ୍ କରି ବିଜେପି ତାଙ୍କୁ ଡେପୁଟି ସିଏମ୍ ଆସନରେ ବସାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି । ବିହାରରେ ଏଥର ନୀତିଶ କୁମାରଙ୍କ ନେତୃତ୍ୱରେ ସରକାର ଗଢ଼ାଯିବା ଏକପ୍ରକାର ପକ୍କା । ହେଲେ ଏଥର ସରକାରରେ ଦୁଇ ଜଣ ଡେପୁଟି ସିଏମ୍ ରହୁଛନ୍ତି ନା ୩ ଜଣ ଡେପୁଟି ସିଏମ୍ ହେଉଛନ୍ତି, ତାକୁ ନେଇ ଗୋଟିଏ ଚର୍ଚ୍ଚା ଜନ୍ମ ନେଇଛି । କୁହାଯାଉଛି ପୂର୍ବ ଥର ଦୁଇ ଜଣ ଉପ-ମୁଖ୍ୟମନ୍ତ୍ରୀ ରହିଥିଲେ ବି, ଏଥର ୩ ଜଣ ଉପ-ମୁଖ୍ୟମନ୍ତ୍ରୀ ରହିପାରନ୍ତି । ଦୁଇ ଜଣ ବିଜେପିର ନେତା ଆଉ ତା ସହ ଜଣେ ଏଲଜେପି ନେତା ମଧ ଉପ-ମୁଖ୍ୟମନ୍ତ୍ରୀ ରହିପାରନ୍ତି । ଆଉ ଯଦି ଏହା ସତ ହୁଏ, ତେବେ ଏଲଜେପି କୋଟାରୁ ଚିରାଗ ପାସୱାନ୍ ଉପ-ମୁଖ୍ୟମନ୍ତ୍ରୀ ଆସନରେ ବସିପାରନ୍ତି ବୋଲି କୁହାଯାଉଛି । ଏନଡିଏର ପୂର୍ବ ସରକାରରେ ସମ୍ରାଟ ଚୌଧୁରୀ ଆଉ ବିଜୟ ସିହ୍ନା ଉପ-ମୁଖ୍ୟମନ୍ତ୍ରୀ ରହିଥିଲେ । ହେଲେ ଦୁହେଁ ରିପିଟ୍ ହେବେ କି ନାହିଁ ତାହା କାହାକୁ ବି ଜଣାନାହିଁ । ତଥାପି ବିଜେପି ନିଜର ଦୁଇ ନେତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଆସନରେ ବସାଇପାରେ । ଆଉ ତୃତୀୟ ଉପ-ମୁଖ୍ୟମନ୍ତ୍ରୀ ପୋଷ୍ଟ ହେଲେ, ଏହି ଆସନ ଚିରାଗ ପାସୱାନଙ୍କୁ ମିଳିପାରେ ।



## ଡାକ୍ତର ନଲେଖିଲେ କିଣି ହେବନି କଫ ସିରପ

**ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି):** ମଧ୍ୟପ୍ରଦେଶରେ କଫ ସିରପ ଯୋଗୁ ଅନେକ ପିଲାଙ୍କ ମୃତ୍ୟୁର ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଥିଲା । ଏପରି ଘଟଣାକୁ ରୋକିବା ପାଇଁ, ସରକାର କହିଛନ୍ତି ଯେ, ଖୁବ୍ ଶୀଘ୍ର ଏକ ନୂତନ ନିୟମ ପ୍ରଣୟନ କରିବେ । ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ଫାର୍ମାସିରେ କଫ ସିରପ ଉପଲବ୍ଧ ହେବ ନାହିଁ । ଏହା ସୁରକ୍ଷା ବୃଦ୍ଧି କରିବ, କିନ୍ତୁ ଲୋକଙ୍କ ପକେଟ ଉପରେ ବୋଝ ମଧ ବଢାଇବ । କଫ ସିରପ ଯେତେ ଶସ୍ତା କିମ୍ବା ମହଙ୍ଗା ହେଉନା କାହିଁକି, ଏହାକୁ କିଣିବା ପାଇଁ ଡାକ୍ତରଙ୍କ ପ୍ରେସକ୍ରିପସନ୍ ଆବଶ୍ୟକ ହେବ ଏବଂ ଡାକ୍ତରଙ୍କ ଫିସ୍ ମଧ ଦେବାକୁ ପଡିବ । ଡାକ୍ତରଙ୍କ ସାଧାରଣତଃ ଫିସ୍ ୨୦୦ ରୁ ୫୦୦ ଟଙ୍କା ହୋଇଥାଏ । ସ୍ପଷ୍ଟ ଭାବରେ, ନୂତନ ନିୟମ କାର୍ଯ୍ୟକାରୀ ହେବା ପରେ, ୫୦ ଟଙ୍କା ମୂଲ୍ୟର ଏକ କଫ ସିରପ କିଣିବା ପାଇଁ ଡାକ୍ତରଙ୍କ ଫିସ୍ ଦେବା ସହିତ ସିରପର ଦାମଠାରୁ ଅନେକ ଗୁଣା ଅଧିକ ଖର୍ଚ୍ଚ କରିବାକୁ ପଡିବ । ଗଣମାଧ୍ୟମ ରିପୋର୍ଟ ଅନୁସାରେ, କେନ୍ଦ୍ର ସରକାର ଔଷଧ ପରାମର୍ଶଦାତା କମିଟିର ରିପୋର୍ଟ ସମୀକ୍ଷା କରୁଛନ୍ତି ଏବଂ ଏହି ପ୍ରସ୍ତାବରେ ପରିବର୍ତ୍ତନ କରି କଫ ସିରପ ସମ୍ପର୍କରେ ନୂତନ ନିୟମ ଆଣିପାରନ୍ତି ବୋଲି କୁହାଯାଉଛି । ଏହା ଅନୁମାନ କରାଯାଉଛି ଯେ, କମିଟି ପ୍ରସ୍ତାବ ଦେଇଛି, ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ବିକ୍ରି ହୋଇପାରିବା ଔଷଧ ତାଲିକାରୁ କଫ ସିରପକୁ ଖୁବ୍ ଶୀଘ୍ର ବାଦ ଦିଆଯାଇପାରେ । ରିପୋର୍ଟରେ କୁହାଯାଇଛି, କଫ ସିରପ ସହିତ ଜଡିତ ସାମ୍ପ୍ରତିକ ଘଟଣାଗୁଡ଼ିକୁ ଦୃଷ୍ଟିରେ ରଖି, ଏହାର ବିକ୍ରୟ ଉପରେ ନଜର ରଖିବା ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ, କଫ ସିରପଗୁଡ଼ିକୁ ସୂଚୀ କେ (କ)ରେ ତାଲିକାଭୁକ୍ତ କରାଯାଇଛି । ଯାହାକୁ ଏକ କମ୍ ବିପଦପୂର୍ଣ୍ଣ ଔଷଧ ଭାବରେ ବିବେଚନା କରାଯାଏ । ତେଣୁ, ଏପରି ଔଷଧ ଲାଇସେନ୍ସ ବିନା ବିକ୍ରି କରାଯାଇପାରିବ । ତଥାପି, ଏହାର ବିକ୍ରୟ ନିୟନ୍ତ୍ରଣ କରୁଥିବା ନିୟମଗୁଡ଼ିକ ଖୁବ୍ ଶୀଘ୍ର କଠୋର କରାଯିବ । କଫ ସିରପ ପିଇବା ପରେ ଅନେକ ଶିଶୁଙ୍କ ମୃତ୍ୟୁ ହୋଇଥିଲା, ଯାହା ଫଳରେ ସରକାର ତିନୋଟି ବ୍ରାଣ୍ଡର କଫ ସିରପକୁ ବିଷାକ୍ତ ଘୋଷଣା କରିଛନ୍ତି । ତଥାପି, ଅଧିକାଂଶ ଶିଶୁ ମୃତ୍ୟୁ କୋଲଡ୍ରିଫ୍ ସହିତ ଜଡିତ ଥିଲା । ସରକାର ରେସ୍ପିଫ୍ରେସ୍ ଟିଆର ଏବଂ ରିଲାଇଫ୍ ଭଳି କଫ ସିରପ ବ୍ୟବହାରକୁ ମଧ ନିଷିଦ୍ଧ କରିଛନ୍ତି । ଏହି ଔଷଧଗୁଡ଼ିକ ଘରୋଇ ବଜାରରେ ବିକ୍ରି ହେବ ନାହିଁ କିମ୍ବା ରପ୍ତାନି କରାଯିବ ନାହିଁ ।

## ସାଉଦି ଆରବ କିଣିବ ଏଫ-୩୫

**ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି):** କତର ଉପରେ ଇସ୍ରାଏଲର ଆକ୍ରମଣଠାରୁ ଏପର୍ଯ୍ୟନ୍ତ ମଧ୍ୟପ୍ରାଚ୍ୟରେ ଭୟର ବାତାବରଣ ରହିଛି । ଏହାକୁ ଦୃଷ୍ଟିରେ ରଖି ସାଉଦି ଆରବ ନିଜର ପ୍ରତିରକ୍ଷା ବାହିନୀକୁ ସୁଦୃଢ଼ କରିଚାଲିଛି । ଗୋଟିଏ ପଟେ ସାଉଦି ପାକିସ୍ତାନ ସହ ପ୍ରତିରକ୍ଷା ଚୁକ୍ତି କରିଥିବାବେଳେ ଅନ୍ୟପଟେ ଆମେରିକାଠାରୁ ବିଭିନ୍ନ ପ୍ରକାରର ଆଧୁନିକ ଅସ୍ତ୍ରଶସ୍ତ୍ର କିଣିଚାଲିଛି । ତେବେ ସବୁଠାରୁ ବଡ଼ କଥା ହେଉଛି ଆମେରିକାଠାରୁ ଅତ୍ୟାଧୁନିକ ଏଫ-୩୫ ଲାଇଟନିଙ୍ଗ-୨ (F-35) ଖରିଦ ପାଇଁ ସାଉଦି ଆରବ ପ୍ରସ୍ତୁତ ହେଉଛି ଓ ଏଥିପାଇଁ ଆମେରିକା ରାଜି ମଧ ହୋଇଛି । ଯଦି ଏହି ଡିଲ୍ ହୁଏ ତେବେ ତାହାର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ନୁହେଁ ଭାରତ ଉପରେ ବି ପଡ଼ିବ । ତେବେ ଏହାର କାରଣ କଣ ?ଏଫ-୩୫ ଲାଇଟନିଙ୍ଗ-୨ ହେଉଛି ବିଶ୍ୱର ସବୁଠାରୁ ଆଧୁନିକ ଓ ଦକ୍ଷ ଲଢୁଆ ବିମାନ । ଏହା ଏକ ୫ମ ପିଢିର ବିମାନ ହୋଇଥିବାବେଳେ ଏଥିରେ ଥିବା ଅତ୍ୟାଧୁନିକ ଟେକନଲୋଜି ଏହାକୁ ରଣକ୍ଷେତ୍ରରେ ପ୍ରାୟତଃ ଅଦୃଶ୍ୟ କରିଦିଏ । ଏଣୁ ଯଦି ଏହି ବିମାନ କୌଣସି ଦେଶ ହାତକୁ ଆସେ ତେବେ ତାହା ଯୁଦ୍ଧର ସମୀକରଣ ବଦଳାଇବାକୁ ସକ୍ଷମ ଯସାଉଦି ଆରବ ସହ ଭାରତର କୌଣସି ଶତ୍ରୁତା ନଥିଲେ ବି ଏହି ଡିଲକୁ ନେଇ ଭାରତ ଚିନ୍ତା କରିବା ସ୍ୱାଭାବିକ । କାରଣ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ରଣନୈତିକ ଚୁକ୍ତି ରହିଛି । ଏହା ଅନୁସାରେ ଗୋଟିଏ ଦେଶ ଉପରେ ଆକ୍ରମଣ ଅନ୍ୟ ଦେଶ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ । ଏପରି କ୍ଷେତ୍ରରେ ପାକିସ୍ତାନ ସହ ଭାରତର ସଂଘର୍ଷ ସମୟରେ ସାଉଦି ପାକିସ୍ତାନକୁ ସାମୟିକ ଭାବେ ଏଫ-୩୫ ବିମାନ ଦେଇପାରେ । ଆମେରିକା କେବଳ ଭରସାଯୋଗ୍ୟ ଦେଶମାନଙ୍କୁ ନିଜର ଅତ୍ୟାଧୁନିକ ଲଢୁଆ ବିମାନ ଦେଇଥାଏ । ପୁଣି ପ୍ରତ୍ୟେକ ଡିଲ୍ ସହିତ କେତେକ ସର୍ତ୍ତ ମଧ ଥାଏ । ଏଣୁ ସାଉଦି ହାତକୁ ଏଫ-୩୫ ଆସିବାର ଅର୍ଥ ନୁହେଁ ଯେ ତାହା ପାକିସ୍ତାନ ହାତକୁ ଚାଲିଆସିବ । ପୁଣି ଏସବୁ ବିମାନର କେତେକ ନିୟନ୍ତ୍ରଣ ଆମେରିକା ହାତରେ ବି ଥାଏ । ଏଣୁ ସାଉଦି ପାକିସ୍ତାନକୁ ଏହି ବିମାନ ଦେଲେ ବି ତାହା ପାଇଁ ଆମେରିକାର ସମ୍ମତି ଆବଶ୍ୟକ ।



## 'ପ୍ରତି ୮ ମିନିଟରେ ଜଣେ ଶିଶୁ ନିଖୋଜ'

**ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି):** ସୁପ୍ରିମକୋର୍ଟ ମଙ୍ଗଳବାର ଏକ ଖବର କାଗଜର ରିପୋର୍ଟକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ଯେଉଁଥିରେ ଦାବି କରାଯାଇଥିଲା ଦେଶରେ ପ୍ରତି ୮ ମିନିଟ୍ରେ ଜଣେ ଶିଶୁ ନିଖୋଜ ହେଉଛନ୍ତି । କୋର୍ଟ ଏହାକୁ ଗମ୍ଭୀର ପ୍ରସଙ୍ଗ କହିଛନ୍ତି । ବିଚାରପତି ବିବି ନାଗରତ୍ନା ଓ ଜଷ୍ଟିସ୍ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଦେଶରେ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରିବା ପକ୍ରିୟା ଖୁବ୍ ଜଟିଳ । ଏହାକୁ ସୁବ୍ୟବସ୍ଥିତ କରାଯାଉ । ମୁଁ ଖବର କାଗଜରେ ପଢିଛି ଦେଶରେ ପ୍ରତି ୮ ମିନଟରେ ଜଣେ ଶିଶୁ ନିଖୋଜ ହୋଇଯାଉଛନ୍ତି । ମୋତେ ଜଣା ନାହିଁ ଏହା ସତ କି ମିଛ, କିନ୍ତୁ ଏହା ଏକ ଗମ୍ଭୀର ପ୍ରସଙ୍ଗ ।' ସୁପ୍ରିମକୋର୍ଟ କହିଛନ୍ତି, ପୋଷ୍ୟ ସନ୍ତାନ ନେବାର ପକ୍ରିୟା କଠୋର ରହିଛି, ତେଣୁ ଏହାର ଉଲଂଘନ ହେବା ସ୍ୱାଭାବିକ । ଲୋକମାନେ ସନ୍ତାନଟିଏ ପାଇବା ପାଇଁ ବେଆଇନ ବାଟ ଆପଣାଉଛନ୍ତି । ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ହାଜର ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ନିଖୋଜ ପିଲାଙ୍କ ମାମଲାର ସମାଧାନ ପାଇଁ ନୋଡାଲ ଅଧିକାରୀ ନିଯୁକ୍ତ କରିବା କରିବାକୁ ୬ ସପ୍ତାହର ସମୟ ମାଗିଛନ୍ତି । ସୁପ୍ରିମକୋର୍ଟ ୬ ସପ୍ତାହର ସମୟ ଦେବାକୁ ମନା କରିଦେଇଛନ୍ତି ଓ ଏଏସଜିଙ୍କୁ ୯ ଡିସେମ୍ବର ପର୍ଯ୍ୟନ୍ତ ପକ୍ରିୟା ପୁରା କରିବାକୁ କୁହାଯାଇଛି । ଖଣ୍ଡପୀଠ ୧୪ ଅକ୍ଟୋବରରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ସେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟକୁ ନିଖୋଜ ଶିଶୁଙ୍କ ମାମଲାରେ ସମ୍ଭାଳିବା ପାଇଁ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରନ୍ତୁ । ଏହା ସହିତ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସଞ୍ଚାଳିତ ମିଶନ୍ ବାତ୍ସଲ୍ୟ ପୋର୍ଟାଲରେ ପ୍ରକାଶ ପାଇଁ ତାଙ୍କ ନାଁ ଓ ସମ୍ପର୍କର ବିବରଣୀ ଉପଲବ୍ଧ କରାଯାଉ । ଯେତେବେଳେ ବି ପୋର୍ଟାଲରେ କେଣସି ନିଖୋଜ ପିଲାଙ୍କ ବିଷୟରେ ଅଭିଯୋଗ ମିଳିବ ସୂଚନା ସମ୍ପର୍କିତ ନୋଡାଲ ଅଧିକାରୀଙ୍କ ସହ ସେୟାର କରାଯିବା ଦରକାର । ସୁପ୍ରିମକୋର୍ଟ ଏହା ପୂର୍ବରୁ କେନ୍ଦ୍ରକୁ ନିଖୋଜ ପିଲାଙ୍କ ବିଷୟରେ ଜାଣିବାକୁ ଓ ଏଭଳି ମାମଲାର ଯାଞ୍ଚ ପାଇଁ ଗୃହମନ୍ତ୍ରଣାଳୟ ଅନୁସାରେ, ବିଶେଷ ଅନଲାଇନ୍ ପୋର୍ଟାଲ ତିଆରି କରିବାକୁ କହିଥିଲେ । ସେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସେହି ପୋଲିସ ଅଧିକାରୀଙ୍କ ଭିତରେ ସମନ୍ୱୟର ଅଭାବକୁ ଇଶାରା କରିଥିଲେ, ଯାହାକୁ ନିଖୋଜ ପିଲାଙ୍କୁ ଜାଣିବାର କାମ ଦିଆଯାଇଥାଏ । କୋର୍ଟ କହିଥିଲେ, ପୋର୍ଟାଲରେ ପ୍ରତ୍ୟେକ ରାଜ୍ୟରୁ ଜଣେ ସ୍ୱତନ୍ତ୍ର ଅଧିକାରୀ ରହିପାରନ୍ତି,ଯିଏକି ସୂଚନା ପ୍ରସାରିତ କରିବା ବ୍ୟତୀତ ନିଖୋଜ ସମ୍ପର୍କିତ ଅଭିଯୋଗର ପ୍ରଭାରୀ ହୋଇପାରନ୍ତି ।

## ଆମକୁ ରାଜନୀତି କରିବାର ଆବଶ୍ୟକତା ନାହିଁ

**ପାଟନା,୧୮।୧୧(ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ, ଜନ ସୂରଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର(ପିକେ) ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ସମ୍ମିଳନୀରେ, ସେ କହିଛନ୍ତି, ସାଢ଼େ ତିନି ବର୍ଷ ପୂର୍ବେ, ଆମେ ବ୍ୟବସ୍ଥା ପରିବର୍ତ୍ତନ କରିବାକୁ ଆସିଥିଲୁ । କିନ୍ତୁ ଆମେ ସଫଳ ହୋଇ ପାରଲୁ ନାହିଁ । ଆମେ ସରକାର କିମ୍ବା ବ୍ୟବସ୍ଥା ପରିବର୍ତ୍ତନ କରିପାରିଲୁ ନାହିଁ, କିନ୍ତୁ ଆମେ ନିଶ୍ଚିତ ଭାବରେ ବିହାରର ରାଜନୀତିକୁ ପ୍ରଭାବିତ କରିଛୁ । ସେ କହିଛନ୍ତି, ଲୋକଙ୍କ ବିଶ୍ୱାସ ଜିତି ନ ପାରିବାର ଦାୟିତ୍ୱ ମୁଁ ନେଉଛି । ଏହା ଆମର ସାମୂହିକ ପରାଜୟ । ଜନସାଧାରଣ ନିଜର ପଥ ବାଛିଛନ୍ତି । ଏବେ ନୀତିଶ କୁମାର ଏବଂ ବିଜେପିର ଦାୟିତ୍ୱ ହେଉଛି ରାଜ୍ୟରେ ଉନ୍ନତି ଆଣିବା । ବିହାରରୁ ପ୍ରବାସ ବନ୍ଦ ହେବା ଉଚିତ । ଯଦି ଏହା ହୁଏ, ତେବେ ଆମକୁ ଆଉ ରାଜନୀତିରେ ସାମିଲ ହେବାକୁ ପଡ଼ିବ ନାହିଁ । ପ୍ରଶାନ୍ତ କିଶୋର କହିଛନ୍ତି, ଆମେ ଯେଉଁ ନେତାମାନଙ୍କୁ ଅଭିଯୁକ୍ତ କରିଛୁ ସେମାନଙ୍କ ବିରୋଧରେ ଅଭିଯୋଗରୁ ଆମେ ପଛକୁ ହଟିବୁ ନାହିଁ । ସେମାନଙ୍କ ମଧ୍ୟରୁ ଅନେକ ଜନତାଙ୍କ କୋର୍ଟରେ ବିଜୟୀ ହୋଇସାରିଛନ୍ତି, କିନ୍ତୁ ଯଦି ସେମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଏ, ତେବେ ଆମେ କୋର୍ଟକୁ ଯିବୁ । ସେ କହିଛନ୍ତି, ଆମେ କହିଥିଲୁ ଯେ, ମୁଁ ୨୫ ଆସନ ଜିତିଲେ ରାଜନୀତି ଛାଡିଦେବି, କିନ୍ତୁ ମୁଁ କେବେ କହିନାହିଁ ଯେ, ୨୦,୦୦୦ଲାଞ୍ଚ ଦେଇ ଭୋଟ କିଣାଯିବା ଉଚିତ । ପ୍ରଶାନ୍ତ କିଶୋର କହିଛନ୍ତି, ଭାରତୀୟ ଜନତା ପାର୍ଟି ଏବଂ ନୀତିଶ କୁମାର ଏକ ଏପରି କ୍ୟାବିନେଟ ଗଠନ କରିବା ଉଚିତ । ଯେଉଁଥିରେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ବାଦ୍ ଦିଆଯିବ । ଜନତା କ୍ଷମତାରେ ଥିବା ସମୟରେ ଲୁଟ୍ କରିବାକୁ ଜନାଦେଶ ଦେଇନାହାନ୍ତି । ପ୍ରଶାନ୍ତ କିଶୋର ନୀତିଶ କୁମାରଙ୍କୁ କହିଛନ୍ତି, ଯଦି ନୀତିଶ କୁମାର ଆଗାମୀ ଛଅ ମାସ ମଧ୍ୟରେ ଦେଢ଼ କୋଟି ପରିବାରଙ୍କ ଆକାଉଣ୍ଟରେ ଦୁଇ ଲକ୍ଷ ଟଙ୍କା ଜମା କରନ୍ତି, ତେବେ ମୁଁ ରାଜନୀତି ଛାଡ଼ିଦେବି । ଯଦି ଏତେ ପରିବାର ଏହି ରାଶି ପାଆନ୍ତି, ତେବେ ବିହାରରେ ନିଶ୍ଚିତ ଭାବରେ ବିକାଶ ହେବ ।



## କେଏଫସି ପକ୍ଷରୁ ଦ ଗ୍ରେଟ କେଏଫସି ଫେଷ୍ଟିଭାଲ୍‌ର ଆୟୋଜିତ

**ଭୁବନେଶ୍ୱର, ୧୮।୧୧ (ନି.ପ୍ର) :** କେଏଫସି ଏହାର ନୂତନ କ୍ୟାମ୍ପେନ ଦ ଗ୍ରେଟ କେଏଫସି ଫେଷ୍ଟିଭାଲ ସହିତ ଉତ୍ସବଗୁଡିକୁ ଆହୁରି ବୃଦ୍ଧି କରିବା ପାଇଁ ପ୍ରସ୍ତୁତ ହୋଇଛି। ଦ ଗ୍ରେଟ କେଏଫସି ଫେଷ୍ଟିଭାଲ ୨୯୯ ଟଙ୍କା ଲେଖାଏଁ ଏକ ଅତୁଳନୀୟ ମୂଲ୍ୟରେ ୪ଟି ପର୍ଯ୍ୟନ୍ତ ଫ୍ୟାନ-ଫେଭରାଇଟ ମିଲ ପ୍ରଦାନ କରୁଛି। ଚିକେନ ପ୍ରେମୀମାନେ ଏବେ ସୀମିତ ସମୟ ପାଇଁ କ୍ରଂଚି, ଚିଜି ଚିଜା ଓ ଅଲ୍ ଚିକେନ, ନୋ ବନ ଡବଲ ଡାଉନ ବର୍ଗର ପୁଣିଥରେ ଉପଭୋଗ କରିପାରିବେ । ସେହିପରି ଫ୍ରାଏଜ ଓ ପେପ୍ସି ସହିତ ଗୋଲ୍ଡ ବର୍ଗର ଓ ୯ ପିସେସ ଚିକେନ ଭଳି ସିଗ୍ନେଚର ମେନ୍ୟୁ ଆଇଟମଗୁଡିକ ଗ୍ରେଟ କେଏଫସି ଫେଷ୍ଟିଭାଲ ମେନ୍ୟୁକୁ ପରିପୂର୍ଣ୍ଣ କରିଛି। ଏହି ମେନ୍ୟୁକୁ ଏକ କ୍ୟାମ୍ପେନ ଫିଲ୍ମ ସହ ଶୁଭାରମ୍ଭ କରାଯାଇଛି। ଏହି କ୍ୟାମ୍ପେନ ସମ୍ପର୍କରେ କେଏଫସି ଇଣ୍ଡିଆ ଓ ପାର୍ଟନର କଂଟ୍ରିସର ସିଏମଓ ଅପର୍ଣ୍ଣା ଭଗ୍ୱାଲ କହିଛନ୍ତି, ' ଦେଶବ୍ୟାପୀ ଉତ୍ସବପୂର୍ଣ୍ଣ ମନୋଭାବ ସର୍ବୋଚ୍ଚ ସ୍ତରରେ ରହିଛି ଏବଂ ଗ୍ରେଟ କେଏଫସି ଫେଷ୍ଟିଭାଲ ଏହାକୁ ଆହୁରି ବୃଦ୍ଧି କରିବା ପାଇଁ ଆସିଛି। ଏହା ଚିଜା ଓ ଡବଲ ଡାଉନ ଭଳି ଲିମିଟେଡ ଏଡିସନ ଫେଭରାଇଟଠାରୁ ଆରମ୍ଭ କରି ଗୋଲ୍ଡ ଜିର ଓ ୯ ପିସେସ ଚିକେନ ଭଳି ସର୍ବାଧିକ ଲୋକପ୍ରିୟ ମେନ୍ୟୁ ଆଇଟମ ପର୍ଯ୍ୟନ୍ତ ସବୁକିଛି ଚିକେନର ଏକ ଉତ୍କୃଷ୍ଟ ଉତ୍ସବ ଅଟେ।




ଗ୍ରେଟ କେଏଫସି ଫେଷ୍ଟିଭାଲ ୨୯୯ ଟଙ୍କା ଲେଖାଏଁ ଅବିଶ୍ୱସନୀୟ ମୂଲ୍ୟରେ ୪ଟି ଲୋଭନୀୟ ଫ୍ୟାନ-ଫେଭରାଇଟ ମିଲ୍ ଆଣିଛି।

ଗ୍ରେଟ କେଏଫସି ଫେଷ୍ଟିଭାଲ ମେନ୍ୟୁ ଡାଇନ-ଇନ ଓ ଟେକ୍‌ଆୱେ ପାଇଁ ଭାରତର ସମସ୍ତ ୧୩୦୦ରୁ ଅଧିକ କେଏଫସି ରେଷ୍ଟୁରାଂଟଗୁଡିକରେ ଏବଂ କେଏଫସି ଆପ, ୱେବସାଇଟ ଏବଂ ଅଗ୍ରଣୀ ଫୁଡ ଡେଲିଭରି ଆପଗୁଡିକରେ ଉପଲବ୍ଧ ରହିଛି। କେଏଫସି ପ୍ରଶଂସକ ମାନେ ଧାଡିରେ ଅପେକ୍ଷା କରିବାରୁ ବର୍ତିବା ପାଇଁ ଡାଇନ ଇନ ସମୟରେ କେଏଫସି ଆପ ମାଧ୍ୟମରେ ପ୍ରି-ଅର୍ଡର କରିପାରିବେ।

## ଭୁବନେଶ୍ୱରରେ ପ୍ରଥମ ନୋଭା ଆଇଭିଏଫ ଫର୍ଟିଲିଟି କେନ୍ଦ୍ର ଶୁଭାରମ୍ଭ

**ଭୁବନେଶ୍ୱର, ୧୮।୧୧ (ନି.ପ୍ର) :** ଆନ୍ତର୍ଜାତୀୟ ମାନର ଫର୍ଟିଲିଟି ଚିକିତ୍ସା ସୁବିଧାଥିବା ଭାରତର ଅଗ୍ରଣୀ ଫର୍ଟିଲିଟି ଚେନ, ନୋଭା ଆଇଭିଏଫ ଫର୍ଟିଲିଟି ଭୁବନେଶ୍ୱରରେ ନିଜର ପ୍ରଥମ ସେଂଟର୍‌ର ଶୁଭାରମ୍ଭ କରିଛି। ଉଭୟ ଟିୟର ୧ ଓ ଟିୟର ୨ ସହର ଗୁଡିକରେ ନିଃସନ୍ତାନ ସମସ୍ୟା ବୃଦ୍ଧି ପାଉଥିବାବେଳେ ଏହି ଫର୍ଟିଲିଟି ଚେନର ୪୦% ସେଂଟର ଟିୟର ୨ ଓ ଟିୟର ୩ ସହରଗୁଡିକରେ ରହିଛି। ଏହି ଜାତୀୟସ୍ତରୀୟ ଫର୍ଟିଲିଟି ଚେନ ଦମ୍ପତିଙ୍କ ପାଇଁ ଖୁବ କମ ମୂଲ୍ୟରେ ଚିକିତ୍ସା ସୁବିଧା ପ୍ରଦାନ କରୁଛି । ନୋଭା ଆଇଭିଏଫ ଭୁବନେଶ୍ୱର ସେଂଟରକୁ ଏମ୍ବ୍ରୋ (ଭ୍ରୂଣ)ସିଲେକ୍ସନ କ୍ଷେତ୍ରରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଭଳି ନୂତନ ଟେକ୍ନୋଲୋଜି ଆଣିଛି। ଏହି ଅବସରରେ ଓଡ଼ିଶା ଚାପ୍ଟର ଇଣ୍ଡିଆନ ମେଡିକାଲ ଆସୋସିଏସନର ସେକ୍ରେଟାରୀ ଡା.ପ୍ରତ୍ୟୁଷ କୁମାର ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଏସମ୍ପର୍କରେ ନୋଭା ଆଇଭିଏଫ ଫର୍ଟିଲିଟିର ମେଡିକାଲ ଡାଇରେକ୍ଟର, ଡକ୍ଟର ରୋହିତ ଗୁଟ୍‌ଗୁଟିଆ କହିଛନ୍ତି, 'ଆମେ ସଠିକ୍ ଚିକିତ୍ସା ଓ ସଫଳତା ହାର ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ ଇଂଟେଲିଜେନ୍ସକୁ ବ୍ୟବହାର କରୁଛୁ । ନୋଭା ଆଇଭିଏଫ ଫର୍ଟିଲିଟିରେ ଆମେ ବାରମ୍ବାର ଆଇଭିଏଫ ବିଫଳତା, ଗର୍ଭପାତ କିମ୍ବା ଜେନେଟିଭ ସ୍ଥିତି ଆଦି ସମସ୍ୟା ସହ ଆସୁଥିବା ପ୍ରତ୍ୟେକ ଦମ୍ପତିଙ୍କ ପାଇଁ ଏକ ବ୍ୟକ୍ତିଗତ ଚିକିତ୍ସା ଅନୁସରଣ କରିଥାଉ। ଆମର ଲ୍ୟାବଗୁଡିକରେ ଆମେ ଇଲେକ୍‌ଟ୍ରୋନିକ ୱିଟନେସିଙ୍ଗ ସିଷ୍ଟମଗୁଡିକର ବ୍ୟବହାର କରିଥାଉ ଯାହା ଲ୍ୟାବ୍ ବୈଜ୍ଞାନିକମାନଙ୍କୁ (ଏମ୍ବ୍ରୋଲୋଜିଷ୍ଟ) କୌଣସି ପ୍ରକାରର ଡିମ୍ବାଣୁ ଓ ଶୁକ୍ରାଣୁ ମିଶ୍ରଣ କ୍ଷେତ୍ରରେ ଏକ ଆଲାରାମ ସିଷ୍ଟମ ଭଳି ସତର୍କ କରିଥାଏ। ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏମ୍ବ୍ରୋଲୋଜିଷ୍ଟଙ୍କ ପାଇଁ ଲ୍ୟାବରେ ଦ୍ୱିତୀୟ ଚକ୍ଷୁ ଭଳି କାର୍ଯ୍ୟ କରିଥାଏ ଓ ସର୍ବୋତମ ଭ୍ରୂଣ ଚୟନ କରିଥାଏ, ଯାହା ଆଇଭିଏଫ




ଚିକିତ୍ସାରେ ସଫଳତା ହାରକୁ ଉନ୍ନତ କରିବାରେ ସାହାଯ୍ୟ କରିପାରିଥାଏ।

ସେହିପରି ନୋଭା ଆଇଭିଏଫ ଫର୍ଟିଲିଟି, ଭୁବନେଶ୍ୱରର ଫର୍ଟିଲିଟି ସ୍ପେଶାଲିଷ୍ଟ, ଡକ୍ଟର ଗାୟତ୍ରୀ ଶତପଥୀ କହିଛନ୍ତି, 'ଏକ ବଡ ସମସ୍ୟା ହେଉଛି ଦମ୍ପତିମାନେ ଫର୍ଟିଲିଟି ସ୍ପେଶାଲିଷ୍ଟ ପରାମର୍ଶ ନେବାରେ ବହୁ ବିଳମ୍ବ କରିଥାନ୍ତି । ବୟସ ମଧ୍ୟ ଫର୍ଟିଲିଟି ଚିକିତ୍ସା ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କାରଣ ଦମ୍ପତିଙ୍କ ବୟସ ଅଧିକ ଥିଲେ ସେମାନେ ଅଧିକ ଆଇଭିଏଫ ଚକ୍ରର ଆବଶ୍ୟକ କରିପାରନ୍ତି। ପୁରୁଷ ବନ୍ଧ୍ୟାପଣ ମଧ୍ୟ ବହୁମାତ୍ରାରେ ବୃଦ୍ଧି ପାଉଛି, ଯାହାକି ଫର୍ଟିଲିଟି କ୍ଷେତ୍ରରେ ୪୦% ପୁରୁଷମାନେ ସନ୍ତାନହୀନତାର ଶୀକାର ହେଉଛନ୍ତି। ଆମେ ମଧ୍ୟ ୩୦% ଅସ୍ପଷ୍ଟ ବନ୍ଧ୍ୟାତ୍ୱ ମାମଲା ଦେଖିଛୁ ଯେଉଁଠାରେ ବନ୍ଧ୍ୟାପଣ ପାଇଁ ଚାପ ମଧ୍ୟ ଏକ କାରଣ ହୋଇଥାଇପାରେ। ଅନ୍ୟ ଏକ କାରଣ ହେଉଛି ଥାଲାସେମିଆ, କ୍ୟାନ୍‌ସର ଓ ମେଟାବୋଲିକ ରୋଗ ଭଳି ଜେନେଟିକ ସ୍ଥିତିଗୁଡିକ ପାଇଁ ସ୍କ୍ରିନିଙ୍ଗ ଯାହା ଓଡିଶାରେ ବହୁମାତ୍ରାରେ ପ୍ରଚଳିତ ରହିଛି। ଆସିଷ୍ଟେଡ ରିପ୍ରଡକ୍ଟିଭ ଟେକ୍ନୋଲୋଜିଗୁଡିକ ସହିତ ଏଭଳି ରୋଗଗୁଡିକୁ ସ୍କ୍ରିନ କରାଯାଇପାରିବ ଏବଂ ପରବର୍ତୀ ପିଢି ପାଇଁ ଅଧିକ ସଂକ୍ରମଣକୁ ରୋକାଯାଇପାରିବ।

ନୋଭା ଆଇଭିଏଫ ଫର୍ଟିଲିଟିର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ଗାଙ୍ଗୁଲି କହିଛନ୍ତି, 'ଭୁବନେଶ୍ୱରକୁ ଆମର ସମ୍ପ୍ରସାରଣ ଭାରତରେ ଗୁଣାତ୍ମକ ଫର୍ଟିଲିଟି ଚିକିତ୍ସାକୁ ପହଂଚଯୋଗ୍ୟ କରିବା ଉପରେ ଆମର ନିରନ୍ତର ମହତ୍ୱକୁ ପ୍ରତିଫଳିତ କରୁଛି। ଆମର ୬୮ରୁ ଅଧିକ ସହରରେ ୧୨୦ରୁ ଅଧିକ କେନ୍ଦ୍ର ରହିଛି ଏବଂ ଆମେ ବର୍ତମାନ ସୁଦ୍ଧା ୧ ଲକ୍ଷରୁ ଅଧିକ ଆଇଭିଏଫ ସାଇକେଲ ସମ୍ପୂର୍ଣ୍ଣ କରିଛୁ। ନୋଭାରେ ଏହାର ଆଇଭିଏଫ ଲ୍ୟାବ ପ୍ରତ୍ୟେକ ଚିକିତ୍ସାର କେନ୍ଦ୍ରବିନ୍ଦୁ ଅଟେ ଏବଂ ଆମର ସମସ୍ତ କେନ୍ଦ୍ରଗୁଡିକରେ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ସ୍ଥାୟୀ ଫଳାଫଳ ନିଶ୍ଚିତ କରିବା ପାଇଁ ଦକ୍ଷ ଚିକିତ୍ସକ ଓ ଏମ୍ବ୍ରୋଲୋଜିଷ୍ଟଙ୍କ ଦ୍ୱାରା ସମର୍ଥିତ ଆନ୍ତର୍ଜାତୀୟ ମାନଦଣ୍ଡଗୁଡିକୁ ଅନୁସରଣ କରିଥାଉ। ଓଡିଶାରେ ଆମର ଉପସ୍ଥିତି ସହିତ ଆମେ ନିଜର ଫର୍ଟିଲିଟି ଯାତ୍ରାରେ ସହଯୋଗ ଆବଶ୍ୟକ କରୁଥିବା ପ୍ରତ୍ୟେକ ଦମ୍ପତିଙ୍କୁ ନୈତିକ, ସ୍ୱଚ୍ଛ ଓ ମାନକ ଚିକିତ୍ସା ପ୍ରଦାନ କରିବା ପ୍ରତି ପ୍ରତିବଦ୍ଧ ରହିଛୁ।

ଭୁବନେଶ୍ୱର ସେଂଟରର ଶୁଭାରମ୍ଭରେ ଫର୍ଟିଲିଟି ବିଶେଷଜ୍ଞମାନେ ବର୍ତମାନ ପ୍ରଚଳିତ ଆଂଚଳିକ ଟ୍ରେଣ୍ଡଗୁଡିକ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଠାକାର ଖାଦ୍ୟ କାର୍ବୋହାଇଡ୍ରେଟ ସମୃଦ୍ଧ ଅଟେ କାରଣ ଅଧିକାଂଶ ଲୋକ ବହୁମାତ୍ରାରେ ଭାତ ଖାଇଥାନ୍ତି, କିନ୍ତୁ ବ୍ୟାୟାମ କମ୍ କରିଥାନ୍ତି। ଏହା ପୁରୁଷ ଓ ମହିଳାଙ୍କଠାରେ ମେଦ ବହୁଳତା ଭଳି ସମସ୍ୟାର କାରଣ ହୋଇଥାଏ, ଯାହା ପ୍ରଜନନ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ। ଭୁବନେଶ୍ୱରରେ ନୋଭା ଆଇଭିଏଫ ଫର୍ଟିଲିଟି ଷ୍ଟେଟ-ଅଫ୍-ଦ-ଆର୍ଟ ଲାବ୍ରୋଟେରୀ ଇନ୍‌ଫ୍ରାଷ୍ଟ୍ରକ୍‌ଚର, ଏଆଇ ଏମ୍ବ୍ରୋ ସିଲେକ୍ସନ, ଇଲେକ୍‌ଟ୍ରୋନିକ ୱିଟନେସିଙ୍ଗ ସିଷ୍ଟମ ଓ ଆନ୍ତର୍ଜାତୀୟ ପ୍ରୋଟୋକଲଗୁଡିକର ଅନୁପାଳନ ସହିତ ଏକ ସୁବ୍ୟବସ୍ଥିତ କେନ୍ଦ୍ରରେ ବିସ୍ତୃତ ଫର୍ଟିଲିଟି ଚିକିତ୍ସା ପ୍ରଦାନ କରିଥାଏ।

## ଆଇଆଇଟି ଭୁବନେଶ୍ୱରରେ ସ୍ୱାମୀ ସର୍ବପ୍ରିୟାନନ୍ଦଙ୍କ ଦ୍ୱାରା 'ମନ ଏବଂ ଚେତନା: ଏକ ବେଦାନ୍ତିକ ଦୃଷ୍ଟିକୋଣ' ସମ୍ବନ୍ଧୀୟ ଆଧାତ୍ମିକ ବକ୍ତୃତା ଆୟୋଜିତ

**ଭୁବନେଶ୍ୱର, ୧୮।୧୧ (ନି.ପ୍ର):** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ଅର୍ପଣ ସୋସାଇଟି ୧୭ ନଭେମ୍ବର ୨୦୨୫ରେ ଉଦୟଗିରି ହଲ୍ ଅଫ୍ ଲର୍ଣ୍ଣିଂରେ ମନ ଏବଂ ଚେତନା – ଏକ ବେଦାନ୍ତିକ ଦୃଷ୍ଟିକୋଣ ଶୀର୍ଷକ ଏକ ଜ୍ଞାନଦାୟକ ଆଧାତ୍ମିକ ବକ୍ତୃତା ଆୟୋଜନ କରିଥିଲା। ଏହି ଅଧିବେଶନ ନ୍ୟୁୟର୍କର ବେଦାନ୍ତ ସୋସାଇଟିର ପ୍ରଭାରୀ ଏବଂ ଆଧାତ୍ମିକ ନେତା ସ୍ୱାମୀ ସର୍ବପ୍ରିୟାନନ୍ଦ ଜୀ ମହାରାଜଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ଏବଂ ଏଥିରେ ପ୍ରତିଷ୍ଠାନର ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ଅତିଥିମାନେ ଯୋଗ ଦେଇଥିଲେ।



ଅଦ୍ୱୈତ ବେଦାନ୍ତର ସ୍ପଷ୍ଟ ଏବଂ ଆଧୁନିକ ବ୍ୟାଖ୍ୟା ପାଇଁ ପ୍ରସିଦ୍ଧ ସ୍ୱାମୀ ସର୍ବପ୍ରିୟାନନ୍ଦ ମାନବ ଅଭିଜ୍ଞତାର ପ୍ରକୃତି ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ପ୍ରବଚନ ଦେଇଥିଲେ। ଛାତ୍ର, ଅଧ୍ୟାପକ ଏବଂ ଆଧାତ୍ମିକ ସାଧକମାନଙ୍କ ସହ କଥା ହୋଇ ସେ ବ୍ୟାଖ୍ୟା କରିଥିଲେ ଯେ ମନ ନିରନ୍ତର ପରିବର୍ତ୍ତନଶୀଳ – ଚିନ୍ତାଧାରା, ଭାବନା ଏବଂ ଧାରଣାରେ ପରିପୂର୍ଣ୍ଣ – ଚେତନା ନୀରବ, ଅପରିବର୍ତ୍ତନୀୟ ସାକ୍ଷୀ ଭାବରେ ରହିଥାଏ। ବେଦାନ୍ତିକ ରୂପକ ବ୍ୟବହାର କରି, ସେ ମନକୁ ପ୍ରତିଫଳିତ ଆଲୋକ ଏବଂ ଚେତନାକୁ ମୂଳ ଆଲୋକ, ସଚେତନତାର ପ୍ରକୃତ ଉତ୍ସ ଭାବରେ ବର୍ଣ୍ଣନା କରିଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ଯେହେତୁ ଆମେ ଆମର ଚିନ୍ତାଧାରା ପର୍ଯ୍ୟବେକ୍ଷଣ କରିପାରିବା, ପ୍ରକୃତ ସ୍ୱରୂପ ମନ ନୁହେଁ ବରଂ ଚେତନା ଯାହା ଏହାକୁ ଆଲୋକିତ କରେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ପୃଥକୀକରଣକୁ ଚିହ୍ନିବା ଦ୍ୱାରା ଭାବପ୍ରବଣ ସନ୍ତୁଳନ, ସ୍ପଷ୍ଟତା ଏବଂ ଆଭ୍ୟନ୍ତରୀଣ ସ୍ୱାଧୀନତା ଆସେ, ଏବଂ ପ୍ରକୃତ ଶାନ୍ତି ମନକୁ ନିୟନ୍ତ୍ରଣ କରିବାରୁ ନୁହେଁ ବରଂ ଚେତନାର ସର୍ବଦା ଉପସ୍ଥିତ, ଅପରିବର୍ତ୍ତନୀୟ ପ୍ରକୃତିକୁ ଅନୁଭବ କରିବାରୁ ଉତ୍ପନ୍ନ ହୁଏ।

କାର୍ଯ୍ୟକ୍ରମଟି ଏକ ପ୍ରଭାବଶାଳୀ ପ୍ରଶ୍ନୋତ୍ତର ଅଧିବେଶନ ସହିତ ଶେଷ ହୋଇଥିଲା ଯେଉଁଠାରେ ଦର୍ଶକମାନେ ଆତ୍ମ-ସଚେତନତା, ପରିଚୟ ଏବଂ ଆନ୍ତରିକ ଶାନ୍ତିର ଅନ୍ୱେଷଣ ଉପରେ ଚିନ୍ତନାତ୍ମକ ଆଲୋଚନାରେ ସାମିଲ ହୋଇଥିଲେ।

## ସେଲରେ କେନ୍ଦ୍ର ଶିଳ୍ପ ମନ୍ତ୍ରୀଙ୍କ ଦ୍ୱାରା ଷ୍ଟିଲ ମେଲଟିଙ୍ଗ ସପ ୨ ର ଅତ୍ୟାଧୁନିକ କାଷ୍ଟର-୪ ଉଦ୍‌ଘାଟିତ

**ରାଉରକେଲା, ୧୮।୧୧ (ନି.ପ୍ର):** ଭାରତ ସରକାରଙ୍କ କେନ୍ଦ୍ର ଇସ୍ପାତ ଏବଂ ଭାରୀ ଶିଳ୍ପ ମନ୍ତ୍ରୀ, ଏଚ୍ ଡି କୁମାରସ୍ୱାମୀ ଏକ ୨ ଦିନିଆ। ସେଲ୍, ରାଉରକେଲା ଇସ୍ପାତ ଇସ୍ପାତ କାରଖାନା (ଆର ଏସ ପି) ଗସ୍ତରେ ଆସି ଆଜି ରାଉରକେଲାରେ ପହଞ୍ଚିଛନ୍ତି। ତାଙ୍କ ସହିତ ସୁଶ୍ରୀ ଅନିଥା କୁମାରସ୍ୱାମୀ, ସେଲ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସି ଏମ ଡି) ଅମରେନ୍ଦୁ ପ୍ରକାଶ ଏବଂ ଇସ୍ପାତ ମନ୍ତ୍ରଣାଳୟର ଅନ୍ୟ ବହୁ ଅଧିକାରୀମାନେ ଗସ୍ତରେ ସାମିଲ ଅଛନ୍ତି। କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କୁ ରାଉରକେଲା ବିମାନବନ୍ଦରରେ ଭାରତ ସରକାରଙ୍କ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରଘୁନାଥପାଲି ବିଧାୟକ ଦୂର୍ଗା ଚରଣ ତନ୍ତି, ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ସିଆଇଏସଏଫ ର ଡିଆଇଜି ରତନ କୁମାର, ରାଉରକେଲା ଏସପି ନିତେଶ ୱାଧୱାନୀ, ଆରଏସପିର ସମସ୍ତ ନିର୍ବାହୀ



ନିର୍ଦ୍ଦେଶକ ଏବଂ ଓଡ଼ିଶା ସରକାର ଏବଂ ଆର ଏସ ପି ର ବହୁ ବରିଷ୍ଠ ଅଧିକାରୀ ହାର୍ଦ୍ଦିକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କ୍ରମରେ ବିମାନବନ୍ଦର ଠାରେ ଆରଏସପି ସିଆଇଏସଏଫ, ୟୁନିଟ୍ ଦ୍ୱାରା ମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

ଆଗମନ ପରେପରେ, ଶ୍ରୀ ଏଚ ଡ଼ି କୁମାରସ୍ୱାମୀ, ଜୁଏଲ ଓରାମ, ଦୂର୍ଗା ଚରଣ ତନ୍ତି ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ କାରଖାନା ପରିଦର୍ଶନରେ ଯାଇଥିଲେ। କାରଖାନା ପରିଦର୍ଶନ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ମଡେଲ ରୁମରୁ ଆରମ୍ଭ ହୋଇଥିଲା। ସେଠାରେ ମନ୍ତ୍ରୀଙ୍କୁ ସମଗ୍ର କାରଖାନାର କାର୍ଯ୍ୟଧାରା ବିଷୟରେ ଅବଗତ କରାଯାଇଥିଲା।

ଏହାପରେ ମନ୍ତ୍ରୀମାନେ ଷ୍ଟିଲ ମେଲ୍ଟିଂ ସପ -୨ କୁ ପରିଦର୍ଶନରେ ଯାଇ ସେଠାରେ ଅତ୍ୟାଧୁନିକ କାଷ୍ଟର ୪ର ଉଦଘାଟନ କରିଥିଲେ। ଶ୍ରୀ କୁମାରସ୍ୱାମୀ କାଷ୍ଟର-୪ରେ ଅପରେସନ ଏବଂ ସ୍ଲାବ୍ କାଷ୍ଟିଂ ଅନୁଧ୍ୟାନ କରିବା ସହିତ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ପାଇଁ ଆରଏସପି ସାମୁହିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ପରିପ୍ରେକ୍ଷୀ ରେ ନିଜର ଅଭିଭାଷଣରେ ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଗତିଶୀଳ ନେତୃତ୍ୱରେ ଭାରତ ସରକାର ରାଉରକେଲା ଇସ୍ପାତ କାରଖାନାର ଅଭିବୃଦ୍ଧି ଏବଂ ବିକାଶ ପାଇଁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇବାକୁ ପ୍ରତିବଦ୍ଧ। ଶ୍ରୀ ଓରାମ ଆରଏସପି ସାମୁହିକଙ୍କ ଏଭଳି ପ୍ରୟାସର ଉଚ୍ଚ ପ୍ରଶଂସା କରିବା ସହିତ କାରଖାନା ସହ ଜଡିତ ତାଙ୍କର ସ୍ମୃତିକୁ ମନେ ପକାଇ ଇସ୍ପାତ କାରଖାନାର ପ୍ରଗତି ପାଇଁ ନିରନ୍ତର ସମର୍ଥନ ପ୍ରଦାନର ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ଅମରେନ୍ଦୁ ପ୍ରକାଶ ମଧ୍ୟ ଏହି ଅବସରରେ ନିଜର ବକ୍ତବ୍ୟ ରଖିଥିଲେ ଏବଂ ଆରଏସପି ସମୁଦାୟିକଙ୍କୁ ସେମାନଙ୍କର ନିଷ୍ଠାପର ଓ ସମର୍ପିତ ପ୍ରୟାସ ପାଇଁ ପ୍ରଶଂସା କରିଥିଲେ।

ମନ୍ତ୍ରୀମାନେ ପେଲେଟ୍ ପ୍ଲାଣ୍ଟ ଏବଂ କୋକ୍ ଓଭେନ୍ ବ୍ୟାଟେରୀ-୭ର ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିଥିଲେ। କାରଖାନା ପରିଦର୍ଶନ ହଟ୍ ଷ୍ଟ୍ରିପ୍ ମିଲ୍-୨ରେ ଶେଷ ହୋଇଥିଲା। ପ୍ରତ୍ୟେକ ସ୍ଥାନରେ ତାଙ୍କୁ ୟୁନିଟ୍ ର କାର୍ଯ୍ୟଧାରା, ବର୍ତ୍ତମାନର ସ୍ଥିତି ଏବଂ ଭବିଷ୍ୟତ ଯୋଜନା ବିଷୟରେ ସୂଚିତ କରାଯାଇଥିଲା।

ଏହି ଗସ୍ତ ସମୟରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିକାଶ ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବି.କେ. ଗିରି, କାର୍ଯ୍ୟ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ଖଣି ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏମ.ପି. ସିଂହ, ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୁଦୀପ ପାଲଚୌଧୁରୀ, ଉପସ୍ଥିତ ଥିଲେ।

## ଡାବର ଚ୍ୟବନପ୍ରାଶ ଓ ଅକ୍ଷୟ କୁମାରଙ୍କ ନୂଆ ଅଭିଯାନ 'ବିମାର ନା ତୈୟାର' ଆରମ୍ଭ

**ଭୁବନେଶ୍ୱର, ୧୮।୧୧ (ନି.ପ୍ର) :** ଭାରତର ସବୁଠାରୁ ବିଶ୍ୱସନୀୟ ପ୍ରାକୃତିକ ସ୍ୱାସ୍ଥ୍ୟ ସେବା କମ୍ପାନୀ ଡାବର ପକ୍ଷରୁ ଡାବର ଚ୍ୟବନପ୍ରାଶ ପାଇଁ ଏକ ନୂଆ ଅଭିଯାନ 'ବିମାର ନା ତୈୟାର' ଆରମ୍ଭ କରାଯାଇଛି। କମ୍ପାନିର ବ୍ରାଣ୍ଡ ଆମ୍ବାସାଡର ତଥା ଫିଟନେସ ଆଇକନ ଅକ୍ଷୟ କୁମାରଙ୍କୁ ନେଇ ଏହି ଅଭିଯାନକୁ ମ୍ୟାକକ୍ୟାନ ୱାର୍ଲ୍ଡଗ୍ରୁପ ଇଣ୍ଡିଆ ଦ୍ୱାରା ପରିକଳ୍ପନା ଓ କାର୍ଯ୍ୟକାରୀ କରାଯାଇଛି। ଏହା ଋତୁ ପରିବର୍ତନ ଓ ପରିବେଶଗତ ଆହ୍ୱାନ ସମୟରେ ସର୍ବଦା ପ୍ରସ୍ତୁତ ରହିବା ଉପରେ ଗୁରୁତ୍ୱାରୋପ କରୁଛି।

ଡାବର ଚ୍ୟବନପ୍ରାଶରେ ୪୦ରୁ ଅଧିକ ଆୟୁର୍ବେଦିକ ଔଷଧୀୟ ଉପାଦାନ ରହିଛି ଯାହା କେବଳ ଚିକିତ୍ସା ନୁହେଁ, ଅଂଃଶକ୍ତି ଓ ସକ୍ରିୟ ରୋଗ ପ୍ରତିରୋଧ ଶକ୍ତି ଗଢ଼ିବା ପାଇଁ ନିୟମିତ ଅଭ୍ୟାସ ଭାବେ ନିଜକୁ ସ୍ଥାନିତ କରୁଛି। ଏହି ଅଭିଯାନ ଗ୍ରାହକଙ୍କ ଦୃଷ୍ଟିକୋଣକୁ ପ୍ରତିକ୍ରିୟାଶୀଳଠାରୁ ଆଗକୁ ବଢ଼ି ସକ୍ରିୟ ଦିଗରେ ପରିବର୍ତନ କରିବାକୁ ଲକ୍ଷ୍ୟ ରଖିଛି। ଡାବର ଇଣ୍ଡିଆ ଲିମିଟେଡର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଶ୍ରୀରାମ ପଦ୍ମନାଭନ କହିଛନ୍ତି ଯେ, 'ଆଜିର କ୍ରିୟାଶୀଳ ଦୁନିଆରେ ଆମେ ଯେଉଁ ମୌଳିକ ସତ୍ୟକୁ ସମ୍ବୋଧନ କରୁଛୁ ତାହା ହେଉଛି-ସଂପୂର୍ଣ୍ଣ 'ପ୍ରସ୍ତୁତ' ରହିବା ହିଁ ଜିତିବାର ଏକମାତ୍ର ଉପାୟ। ରୋଗରେ ପୀଡିତ ହୋଇ ଅପ୍ରତ୍ୟାଶିତ ବିରତି ନେବାର ସାମର୍ଥ୍ୟ ଆମର ନାହିଁ। ଆମେ ବିଶ୍ୱାସ କରୁ ଯେ ରୋଗ ପ୍ରତିରୋଧକ ଶକ୍ତି ହିଁ ପ୍ରସ୍ତୁତିର ଚରମ ଇନ। 'ବିମାର ନା ତୈୟାର' ଅଭିଯାନ ସ୍ୱାସ୍ଥ୍ୟକୁ କେବଳ ସମସ୍ୟା ଦେଖାଦେଲା ପରେ ଠିକ କରିବା ବୋଲି ଭାବ୍ଁ ନାହିଁ ବୋଲି ଆମ ଗ୍ରାହକଙ୍କୁ ଜଣାଇବାକୁ ଚାହୁଁଛୁ। ଆମେ ସେମାନଙ୍କୁ ଡାବର ଚ୍ୟବନପ୍ରାଶକୁ ଦୈନିକ ଅଭ୍ୟାସ ରୂପେ ଗ୍ରହଣ କରି ବିଶ୍ୱସନୀୟ ରୋଗ ପ୍ରତିରୋଧକ ଶକ୍ତି ଗଢ଼ିବାକୁ ଉତ୍ସାହିତ କରୁଛୁ ଯାହା ଦ୍ୱାରା ବାହ୍ୟ ପରିବର୍ତନ ଯାହା ହେଉନା କାହିଁକି ସେମାନେ ନିଜର ଲକ୍ଷ୍ୟ ପଥରେ ଅବିରତ ରହିପାରିବେ।



ଏହି ବିଜ୍ଞାପନ ଫିଲ୍ମରେ ଅକ୍ଷୟ କୁମାର ବିଭିନ୍ନ ପାଗ ପରିସ୍ଥିତି ଓ ଆହ୍ୱାନପୂର୍ଣ୍ଣ ପରିସ୍ଥିତିକୁ ନିର୍ବିଘ୍ନରେ ଅତିକ୍ରମ କରୁଥିବା ଦେଖାଯାଉଛି। ଏହା ଦର୍ଶାଉଛି ଯେ ତାଙ୍କର ସର୍ବଦା ପ୍ରସ୍ତୁତ ଅବସ୍ଥା ତାଙ୍କୁ ବାଧାଗୁଡ଼ିକୁ ଅତିକ୍ରମ କରିବାରେ ସକ୍ଷମ କରୁଛି। ଅକ୍ଷୟ କୁମାର କହିଛନ୍ତି ଯେ, 'ମୁଁ ସବୁବେଳେ ବିଶ୍ୱାସ କରିଆସିଛି ଯେ ରୋଗ ହେବା ଆଗରୁ ପ୍ରତିକାର କରିବା ହିଁ ଉତମ। ବିଶେଷକରି ପାଗ ପରିବର୍ତନ ସମୟରେ ମୋର ନିୟମିତ ଜୀବନଚର୍ଯ୍ୟା ମୋ ଶରୀରକୁ 'ପ୍ରସ୍ତୁତ' ରଖିବା ପାଇଁ ଅନେକ ପଦକ୍ଷେପ ରହିଛି।

## ମାଲାବାର୍ ଗ୍ରୁପର ୧୫୩୧ ମାଇକ୍ରୋ ଲର୍ଣ୍ଣିଙ୍ଗ ସେଣ୍ଟରରେ ଶିଶୁ ଦିବସ ପାଳିତ

**ମୁମ୍ବାଇ, ୧୮।୧୧ (ନି.ପ୍ର) :** ବିଶ୍ୱର ଅନ୍ୟତମ ପ୍ରମୁଖ ଖୁଚୁରା ଅଳଙ୍କାର ବ୍ୟବସାୟିକ ସଂସ୍ଥା, ମାଲାବାର ଗ୍ରୁପ୍ ସାରା ଭାରତରେ ଥିବା ଏହାର ୧୫୩୧ ଟି ମାଇକ୍ରୋ ଲର୍ଣ୍ଣିଂ ସେଣ୍ଟର (ଏମ୍‌ଏଲ୍‌ସି) ରେ ଶିଶୁ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ମାଇକ୍ରୋ ଲର୍ଣ୍ଣିଂ ସେଣ୍ଟର (ଏମ୍‌ଏଲ୍‌ସି) ଗୁଡିକର ସହାୟତାରେ ଷାଠିଏ ହଜାର ପିଲାଙ୍କ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରତିନିଧି ଏବଂ ବିଶିଷ୍ଟ ବ୍ୟକ୍ତିମାନେ ନେତୃତ୍ୱ ନେଇଥିଲେ। ମିଷ୍ଟାନ ବଣ୍ଟନରୁ ଆରମ୍ଭ ଏହି କାର୍ଯ୍ୟକ୍ରମରେ ପରବର୍ତ୍ତୀ ସମୟରେ ଶିକ୍ଷା, ଅନ୍ତର୍ଭୁକ୍ତିକରଣ ଏବଂ ଯତ୍ନ ଉପରେ ଆଲୋକପାତ କରାଯାଇଥିଲା।

ସାମାଜିକ ଏବଂ ଆର୍ଥିକ ସମସ୍ୟା ଯୋଗୁଁ ଶିଶୁ ଶ୍ରମିକ ପାଲଟିଥିବା କିମ୍ବା ଅଧାରୁ ସ୍କୁଲ ଛାଡିବାକୁ ପଡିଥିବା ଅବହେଳିତ ପିଲାମାନଙ୍କୁ ଏମ୍‌ଏଲ୍‌ସି ସହାୟତା କରିଥାଏ। ପ୍ରତ୍ୟେକ ଏମ୍‌ଏଲ୍‌ସି ବୟସ ଅନୁସାରେ ଗୋଟିଏ ବର୍ଷର ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ସହିତ ପିଲାମାନଙ୍କୁ ସ୍କୁଲକୁ ଫେରିବାରେ ସାହାଯ୍ୟ କରିଥାଏ।

ଅଭିଭାବକ, ସ୍ଥାନୀୟ ନେତା, ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହିତ ମାଲାବାର ଗ୍ରୁପ୍ ର ସଦସ୍ୟମାନେ ଏହି ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ପିଲାମାନେ ବିଭିନ୍ନ ଶିକ୍ଷଣୀୟ ଏବଂ ମଜାଦାର ଅଧିବେଶନରେ ଅଂଶଗ୍ରହଣ କରିଥିଲେ, ଯାହା ସେମାନଙ୍କ ସହଭାଗୀତା ବଢ଼ାଇବାରେ ଏବଂ ଆତ୍ମବିଶ୍ୱାସ ଗଠନ କରିବାରେ ସାହାଯ୍ୟ କରିଥିଲା।

## ଆମ୍ୟୁଜମେଣ୍ଟ ପାର୍କ ଶୃଙ୍ଖଳା ୱଣ୍ଡର୍ଲା ହଲିଡେଜ ପକ୍ଷରୁ ୱଣ୍ଡର୍ଲା ଚେନ୍ନାଇର ଶୁଭାରମ୍ଭ

**ଚେନ୍ନାଇ/ ଭୁବନେଶ୍ୱର, ୧୮।୧୧ (ନି.ପ୍ର) :** ଭାରତର ସବୁଠାରୁ ବଡ଼ ଆମ୍ୟୁଜମେଣ୍ଟ ପାର୍କ ଶୃଙ୍ଖଳା ୱଣ୍ଡର୍ଲା ହଲିଡେଜ ପକ୍ଷରୁ ଆଜି ୱଣ୍ଡର୍ଲା ଚେନ୍ନାଇର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା କମ୍ପାନିର ପଞ୍ଚମ ଏବଂ ସବୁଠାରୁ ଉଚ୍ଚାକାଂକ୍ଷୀ ପାର୍କ ପ୍ରକଳ୍ପ ଯାହା ଭାରତର ପାରିବାରିକ ଚିତ୍ତବିନୋଦନ ଦୃଶ୍ୟପଟରେ ଏକ ଭବିଷ୍ୟତମୁଖୀ ମାଇଲଖୁଣ୍ଟ। ଚେନ୍ନାଇର ସୁନ୍ଦର ପୁରୁଣା ମହାବଳିପୁରମ ରୋଡ ପାଖରେସ୍ଥିତ ୬୪.୩୦ ଏକରରେ ବିସ୍ତୃତ , ଯାହାର ୩୭ ଏକର ବର୍ତମାନ ବିକଶିତ ହୋଇଛି, ଏବଂ ୬୧୧ କୋଟି ଟଙ୍କାରୁ ଅଧିକ ନିବେଶ ସହିତ ନିର୍ମିତ ୱଣ୍ଡରଲା ଚେନ୍ନାଇ ଏକ ସାହସୀ ନୂଆ। ଅଧ୍ୟାୟକୁ ପ୍ରତିନିଧିତ୍ୱ କରୁଥିବା ବେଳେ ଭବିଷ୍ୟତମୁଖୀ ନବସୃଜନ ଓ ପ୍ରାଚୀନ ତାମିଲ ସ୍ଥାପତ୍ୟ କୁ ଦର୍ଶାଉଛି। ଏହି ପାର୍କକୁ ୧ ଡିସେମ୍ବର ୨୦୨୫ ରେ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ ଏବଂ ଅନ୍ୟ ପ୍ରମୁଖ ଗଣମାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯିବ, ଏବଂ ୨ ଡିସେମ୍ବର ୨୦୨୫ ରେ ଜନସାଧାରଣଙ୍କ ପାଇଁ ଖୋଲା ଯିବ।



## ଚଷମା ୟୁନିକର୍ଣ୍ଣ ଲେନ୍ସକାର୍ଟ ପକ୍ଷରୁ ବାର୍ସେଲୋନାର ପ୍ରିମିୟମ ଚଷମା ବ୍ରାଣ୍ଡ ମେଲର ଉନ୍ମୋଚିତ

**ଭୁବନେଶ୍ୱର, ୧୮।୧୧ (ନି.ପ୍ର) :** ଚଷମା ୟୁନିକର୍ଣ୍ଣ ଲେନ୍ସକାର୍ଟ ପକ୍ଷରୁ ବାର୍ସେଲୋନାର ପ୍ରିମିୟମ ଚଷମା ବ୍ରାଣ୍ଡ ମେଲରକୁ ଭାରତରେ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏଥି ସହିତ ବିଶ୍ୱବିଖ୍ୟାତ ପୋପ-କଲଚର ବ୍ରାଣ୍ଡ ତଥା ଭାଇରାଲ ଲାବୁବୁ ନିର୍ମାତା ପୋପମାର୍ଟ ସହିତ ସହଭାଗିତା କରାଯାଇଛି। ଏହି ଦୁଇ ଘୋଷଣା ଲେନ୍ସକାର୍ଟର ଆଧୁନିକ 'ହାଉସ୍ ଅଫ୍ ଆଇୱେୟାର ବ୍ରାଣ୍ଡସ୍' ଗଢ଼ିବାର ମହତ୍ତ୍ୱାକାଂକ୍ଷୀ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ମେଲର ହେଉଛି ୟୁରୋପର ଦ୍ରୁତ ଗତିରେ ବଢୁଥିବା ଡି୨ସି ଯୁବ ଚଷମା ବ୍ରାଣ୍ଡଗୁଡ଼ିକ ମଧ୍ୟରୁ ଅନ୍ୟତମ ଯାହାର ବିଶ୍ୱବ୍ୟାପୀ ୭ ଲକ୍ଷରୁ ଅଧିକ ଅନୁଗାମୀ ରହିଛନ୍ତି। ସହିତ ପରିଚିତ। ଏହା ବୋଲ୍ଡ ସିଲୁଏଟ୍, ଷ୍ଟ୍ରିଟ୍-କଲଚରରୁ ପ୍ରେରିତ ରଙ୍ଗ ପ୍ୟାଲେଟ ଓ ଫ୍ୟାସନେବଲ ଡିଜାଇନ୍ ପାଇଁ ପରିଚିତ। ଏବେ ଏହି ବ୍ରାଣ୍ଡ ଲେନ୍ସକାର୍ଟର ସମଗ୍ର ଓମ୍ନିଚ୍ୟାନେଲ ନେଟୱର୍କରେ ଉପଲବ୍ଧ ହେବ। ପ୍ରଥମେ ଜିଓଆଇକ୍ୟୁ ଲୋକେସନ ଇଣ୍ଟେଲିଜେନ୍ସ ବ୍ୟବହାର କରି ଚିହ୍ନଟ କରାଯିବାକୁ ଥିବା ପ୍ରାୟ ୫୦୦ଟି ହାଇ ଫ୍ୟାସନ ଅଞ୍ଚଳର ଷ୍ଟୋରରେ ଏବଂ ଲେନ୍ସକାର୍ଟ ଆପ୍ ଓ ୱେବସାଇଟରେ ଏହା ଉପଲବ୍ଧ ହେବ।

ଲେନ୍ସକାର୍ଟ ପକ୍ଷରୁ ବିଶ୍ୱପ୍ରସିଦ୍ଧ ଚାଇନିଜ ଖେଳନା କମ୍ପାନୀ ପୋପମାର୍ଟ ସହଯୋଗିତାରେ ଏକ ଲିମିଟେଡ ଏଡିସନ ଚଷମା କଲେକ୍ସନ ଉନ୍ମୋଚନ କରାଯାଇଛି। ଏଥିରେ ବିଭିନ୍ନ ଚରିତ୍ର ଆଧାରିତ ଫ୍ରେମ ରହିବ। ଏହି ସଂଗ୍ରହ ପ୍ରଥମେ ୨୦୨୫ ଡିସେମ୍ବରର ପ୍ରଥମ



ସପ୍ତାହରୁ ସିଙ୍ଗାପୁରରେ (ଅନଲାଇନ ଓ କେତେକ ଷ୍ଟୋରରେ) ଉନ୍ମୋଚିତ ହେବ ଏବଂ ଶୀଘ୍ର ଭାରତକୁ ମଧ୍ୟ ଆସିବ। ଏହା ହେଉଛି ଲେନ୍ସକାର୍ଟର ହ୍ୟାରି ପୋଟର, ହେଲୋ କିଟି, ପୋକେମନ, ଡ୍ରାଗନ ବଲ ଜେଡ୍, ସୁପରମ୍ୟାନ ଓ ବ୍ୟାଟମ୍ୟାନ ଭଳି ପପ କଲଚର ସହଭାଗିତାରେ ଏକ ନୂଆ ଯୋଗଦାନ।

ଏ ସମ୍ପର୍କରେ ଲେନ୍ସକାର୍ଟର ସହ ପ୍ରତିଷ୍ଠାତା ତଥା ସିଇଓ ପୀୟୁଷ ବଂଶଲ କହିଛନ୍ତି ଯେ, 'ଆମ ଗ୍ରାହକମାନେ ଆମର ପ୍ରତିଟି ନିଷ୍ପତ୍ତିକୁ ପ୍ରେରଣା ଦିଅନ୍ତି। ସେମାନେ ବିଶ୍ୱସ୍ତରୀୟ ଡିଜାଇନ, ବ୍ୟକ୍ତିଗତ ପସନ୍ଦ ଓ ଅସଲି ବ୍ରାଣ୍ଡ ଖୋଜୁଛନ୍ତି। ମେଲରର ବଳିଷ୍ଠ ସୌନ୍ଦର୍ଯ୍ୟ ଓ ମଜବୁତ ଗୋଷ୍ଠୀ ଏହାକୁ ଆମର ହାଉସ ଅଫ ବ୍ରାଣ୍ଡସରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଭାବେ ସାମିଲ କରିଛି।ପପମାର୍ଟ ଭଳି ସୃଜନଶୀଳ ସହଭାଗିତା ମାଧ୍ୟମରେ ଆମେ ଚଷମାରେ ଖେଳ, କଳ୍ପନା ଓ କଲେକ୍ଟିବିଲିଟିର ମୁହୂର୍ତ ଆଣିବାକୁ ଚାହୁଁଛୁ। ତାହା ଆମ ଗ୍ରାହକମାନଙ୍କୁ ଆନନ୍ଦିତ କରିବ।

## ଅର୍ଥ ଟ୍ରାକିଂକୁ ସହଜ କରିଛି ଜିଓ ଫାଇନାନ୍ସ

**ମୁମ୍ବାଇ, ୧୮।୧୧ (ନି.ପ୍ର) :** ଜିଓ ଫାଇନାନ୍ସ ଗ୍ରାହକମାନଙ୍କର ଏବେ ସେମାନଙ୍କ ଟଙ୍କା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିପାରିବେ। ଜିଓ ଫାଇନାନ୍ସ ଆପ୍ ଏକ ନୂତନ ଫିଚର ଆରମ୍ଭ କରିଛି ଯାହା ବ୍ୟବହାରକାରୀମାନଙ୍କୁ ସେମାନଙ୍କର ସମସ୍ତ ବ୍ୟାଙ୍କ ଆକାଉଣ୍ଟ, ମ୍ୟୁଚୁଆଲ୍ ଫଣ୍ଡ ଏବଂ ଷ୍ଟକ୍ ପୋର୍ଟଫୋଲିଓକୁ ଏକ ପ୍ଲାଟଫର୍ମରେ ଲିଙ୍କ୍ କରି ସହଜରେ ଟ୍ରାକ୍ ଏବଂ ବିଶ୍ଳେଷଣ କରିବା ସୁବିଧା ପ୍ରଦାନ କରିଛି। ସେମାନେ ଯେକୌଣସି ବ୍ୟାଙ୍କ ଆକାଉଣ୍ଟ କିମ୍ବା ଆର୍ଥିକ ଆପ୍ ରେ ନିବେଶ କରୁଥିଲେ ମଧ୍ୟ ବ୍ୟବହାରକାରୀମାନେ ଏବେ ଜିଓ ଫାଇନାନ୍ସ ଆପ୍‌ରେ ଏକ ସମ୍ପୂର୍ଣ୍ଣ ଆର୍ଥିକ ଚିତ୍ର ପାଇପାରିବେ। ଏହା ବିଭିନ୍ନ ଆପ୍‌ରେ ସେମାନଙ୍କର ନିବେଶ ଯାଞ୍ଚ କରିବାର ଝଂଝଟକୁ ଦୂର କରିବ।

ଏହି ନୂତନ ଜିଓ ଫାଇନାନ୍ସ ଫିଚର ବ୍ୟବହାରକାରୀଙ୍କୁ ପ୍ରକୃତ ସମୟରେ ସେମାନଙ୍କର କ୍ୟାସ ଫ୍ଲୋ (ନଗଦ ପ୍ରବାହ), ଖର୍ଚ୍ଚ ଏବଂ ନିବେଶର ସମ୍ପୂର୍ଣ୍ଣ ଚିତ୍ର ପ୍ରଦାନ କରିବା ସହିତ ଏଆଇ ଆଧାରିତ ସ୍ମାର୍ଟ ପରାମର୍ଶ ମାଧ୍ୟମରେ ସେମାନଙ୍କୁ ସେମାନଙ୍କର ଟଙ୍କାକୁ ଭଲ ଭାବରେ ପରିଚାଳନା କରିବାରେ ସାହାଯ୍ୟ କରିବ।

କମ୍ପାନୀ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଟଙ୍କା ଟ୍ରାକିଂ ପାଇଁ ଆପ୍‌ରେ ତିନୋଟି ପ୍ରମୁଖ ଫିଚର ଯୋଡାଯାଇଛି। ପ୍ରଥମଟି ହେଉଛି 'ୟୁନିଫାଏଡ୍ ଫାଇନାନ୍ସିଆଲ୍ ଡ୍ୟାସବୋର୍ଡ', ଯାହା ସମସ୍ତ ଜିଓ ଫାଇନାନ୍ସ ଋଣ ଓ ଜମା, ଏବଂ ବାହ୍ୟ ବ୍ୟାଙ୍କ ଆକାଉଣ୍ଟ ଓ ନିବେଶକୁ ବାସ୍ତବ ସମୟରେ ଗୋଟିଏ ସ୍ଥାନରେ ପ୍ରଦର୍ଶନ କରିବ। ଏହାର ଅର୍ଥ ହେଉଛି ସମ୍ପୂର୍ଣ୍ଣ ଆର୍ଥିକ ଚିତ୍ର ଗୋଟିଏ ସ୍ଥାନରେ ଦେଖାଯାଇପାରିବ।



## ସରପଞ୍ଚଙ୍କ ଦ୍ୱାରା ହାଇମାକ୍ସ ଲାଇଟ ଉଦଘାଟିତ

**ଫୁଲନଖରା, ୧୮।୧୧ (ନି.ପ୍ର) :** ବାରଙ୍ଗ ବ୍ଲକ ଅନ୍ତର୍ଗତ ନଗରୀ ପଂଚାୟତ ସ୍ଥିତ ଜଳେଶ୍ୱର ମହାଦେବ ମନ୍ଦିର ପରିସରରେ ୩୩ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ଭୋଇଙ୍କ ନିଜସ୍ୱ ପାଣ୍ଠିରୁ ଏହି ହାଇମାକ୍ସ ଲାଇଟ ଟି ପ୍ରଦାନ କରାଯାଇଛି। ଏହି ଲାଇଟ କୁ ଉଦଘାଟିତ କରିଥିଲେ ନଗରୀ ଗ୍ରାମପଂଚାୟତ ସରପଞ୍ଚ ଶ୍ରୀଯୁକ୍ତ ନରୋତ୍ତମ ଦାସ। ଅନ୍ୟ ମାନଙ୍କ ମଧ୍ୟରେ ନଳିନୀକାନ୍ତ ପଟ୍ଟନାୟକ, ପ୍ରଶାନ୍ତ କୁମାର ବେହେରା, ଯୁବ ସାମ୍ବାଦିକ ଶଶି ଭୂଷଣ ଦାଶ, ବୁଲୁ ପାତ୍ର, ମନୋଜ ମହାରଣା, ବିଜୟ ଭୋଇ, ଅଜୟ କୁମାର ବେହେରା, ବାବାଜୀ ଚରଣ ପଣ୍ଡା, ଜଗନ୍ନାଥ ଦାଶ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ। ଜନାର୍ଦ୍ଦନରେ ମନ୍ଦିରରେ ଏହି ଲାଇଟ ଲାଗିବା ଦ୍ୱାରା ରାତିରେ ଭକ୍ତମାନେ ଅନେକ ପ୍ରକାର ସୁବିଧା ପାଇପାରିବେ। ସେଥିପାଇଁ ସ୍ଥାନୀୟ ବାସିନ୍ଦା ଜିଲ୍ଲାପରିଷଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବିଷାକ୍ତ ହେଉଛି ପାରାଦୀପ ର ଜୀବନରେଖା ତାଳଦଣ୍ଡା କେନାଲ ଜଳ

**ପାରାଦୀପ /କୁଜଙ୍ଗ, ୧୮।୧୧ (ନି.ପ୍ର):** ନଅଙ୍କ ଦୁର୍ଭିକ୍ଷ ପରବର୍ତ୍ତି ସମୟରେ ଶ୍ରମ ବଦଳରେ ଖାଦ୍ୟ ଯୋଜନାରେ ତତ୍କାଳୀନ ଇଂରେଜ ସରକାରଙ୍କ ଜନ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରାୟ ୮୦ କିଲୋମିଟର ଖନନ କରିଥିଲେ କଟକରୁ ଚଉମୁହାଣି ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ। ଦେଶ ସ୍ୱାଧୀନତା ପ୍ରାପ୍ତିର ଏକ ଦଶନ୍ଧି ପରେ ପାରାଦ୍ୱୀପ ବନ୍ଦର ନିର୍ମାଣକୁ ଦୃଷ୍ଟିରେ ରଖି କେନାଲ ସଂପ୍ରସାରଣ କରାଯାଇ ବନ୍ଦର ଅନ୍ତେବାସୀଙ୍କୁ ପାନୀୟଜଳ ଯୋଗାଣ କରାଯିବା ଆଜିବି ଅବ୍ୟାହତ ରହିଛି। ଗୋଟେ ପଟେ କଟକରୁ କୁଜଙ୍ଗ ପର୍ଯ୍ୟନ୍ତ ହଜାର ହଜାର ଏକର ଋଷଜମିକୁ ଜଳସେଚିତ କରାଯିବା ସହ ବନ୍ଦର ଓ ଶିଳ୍ପ ନଗରୀରେ ବସବାସ କରୁଥିବା ଲକ୍ଷାଧିକ ଅନ୍ତେବାସୀ ଙ୍କ ଜୀବନ ରେଖା ପାଲଟିଥିବା ତାଳଦଣ୍ଡା କେନାଲ ଜଳର ମାନ ଦିନକୁ ଦିନ ହ୍ରାସ ପାଇବା ସହ ପ୍ରଦ୍ୟୁଷଣ ପାଇଋଲିଛି ବୋଲି ସାମାଜିକ କର୍ମି ତଥା କବି ପୀତାମ୍ବର ତରାଇ ଦୃଢ ଅଭିଯୋଗ କରିଛନ୍ତି। ଗୋଟେ ପଟେ ବର୍ଷାଋତୁ ପରବର୍ତ୍ତି ରବି ଫସଲ ସମୟରେ କେନାଲରେ ଯେତିକି ପରିମାଣରେ ଜଳ ଯୋଗାଇବା କଥା ତାହା ଯଥେଷ୍ଟ ହେଉ ନଥିବାରୁ ଋଷୀ ପରିବାର ପନିପରିବା ଉତ୍ପାଦନ କ୍ଷେତ୍ରରେ ବିରାଟ କ୍ଷତି ସହି ବାକୁ ପଡୁଥିଲା ବେଳେ ଅନ୍ୟପଟେ ପାରାଦ୍ୱୀପ ଶିଳ୍ପ ନଗରୀ ପାଇଁ ବର୍ଷକ ମଧ୍ୟରେ ଯେତିକି ଜଳ କଟକସ୍ଥିତ ମହାନଦୀ ସଂଲଗ୍ନ ଯୋବ୍ରା ବ୍ୟାରେଜରୁ ତାଳଦଣ୍ଡା କେନାଲରେ ଛଡା ଯାଉଛି। ତାହା ବ୍ୟବହାର ଯୋଗ୍ୟ କି ନୁହେଁ ତାହାବି ସନ୍ଦେହ ସୃଷ୍ଟି ହେବାରେ ଲାଗିଛି। ଏ ପରିକି ତାଳଦଣ୍ଡା କେନାଲର ଦକ୍ଷିଣ ପାର୍ଶ୍ୱ ଦେଇ କଟକ ପାରାଦ୍ୱୀପ ରାଜ୍ୟ ସଡକ ଦୁଇ ପାଖରେ ଗଢି ଉଠିଥିବା ହୋଟେଲ କେନାଲ ଜଳରେ ବର୍ଜ୍ୟବସ୍ତୁ ଛାଡିବା ପାଣିକୁ ପ୍ରଦ୍ୟୁଷଣ କରୁଥିବା ବେଳେ କେନାଲ ପାର୍ଶ୍ୱ ରେ ସରକାରୀ ଜାଗାରେ ଆଖି ପାଉନଥିଲା ଭଳି



ଲମ୍ବିଥିବା ବିରାଟକାୟ ବସ୍ତି ର ଲୋକ ମାନେ କେନାଲ ଜଳକୁ ଅପ ବ୍ୟବହାର କରି ବର୍ଯ୍ୟବସ୍ତୁ ଦୈନିକ କେନାଲରେ ଛଡା ଯିବା ପାଣିର ଗୁଣାତ୍ମକ ମାନକୁ ହ୍ରାସ କରିବାସହ ପ୍ରଦ୍ୟୁଷଣ ବୃଦ୍ଧି ରେ ବେଶ ସହାୟକ ହେଉଛି। ଏ ପରିକି କେନାଲ କଡରେ ଶହଶହ କୁକୁଡା,ଛେଳି ଦୈନିକ କଟା ଯାଇ ତାହାର ଅପରିଷ୍କାର ବର୍ଜ୍ୟ ଅଂଶ ସମେତ ବିଭିନ୍ନ ସ୍ଥାନରେ ସର୍ଭିସ ସେଣ୍ଟର ଖୋଲାଯାଇ ଗାଡି ମଟରଯାନକୁ ଧୋଇବା ଫଳରେ ମଇଳା କେନାଲ ଜଳରେ ମିଶିବା ଦ୍ୱାରା ଦିନକୁଦିନ ଜଳ ପ୍ରଦ୍ୟୁଷିତ ହେବାସହ ଭୁତଳ ଜଳକୁ ନଷ୍ଟ କରିବାରେ ଲାଗିଛି। ହେଲେ ଏଠାରେ ପ୍ରଶ୍ନ ଉଠେ ସରକାରୀ ଜାଗାରେ ଏମାନଙ୍କୁ ସ୍ଥାନ ଦେବା ପଛରେ ମୋଟା ଅଙ୍କର କିକ ବ୍ୟାକ କାମ କରୁଛି ବୋଲି ହେଉଥିବା ଲୋକ ଆଲୋଚନା କୁ ଏଡାଇ ଦିଆଯାଇ ନ ପାରେ।

ସେହିପରି ବିଭିନ୍ନ ପୂଜା ପାର୍ବଣ ସମୟରେ ନିକଟବର୍ତ୍ତୀ ଅଞ୍ଚଳର ବିଭିନ୍ନ ଦେବାଦେବୀ ଙ୍କ ମେଢ଼ ବିସର୍ଜନ କେନାଲ ଜଳ ପ୍ରଦୂଷଣ ର ଅନ୍ୟ ଏକ କାରଣ ବୋଲି ବିଶେଷଜ୍ଞ ମାନେ ମତ ପ୍ରକାଶ କରିଛନ୍ତି। ଏତିକିରେ କେନାଲର ଦୁଃଖ ସରି ନାହିଁ, ସଡ଼କରେ ଗାଡି ଚଳାଚଳରେ ଦୁର୍ଘଟଣାରଗ୍ରସ୍ତ ପଶୁ ମାନଙ୍କୁ କେନାଲରେ ପକାଇବା ଅମାନବିକ କାର୍ଯ୍ୟକୁ ଶ୍ରୀ ତରାଇ ନିନ୍ଦା କରିଛନ୍ତି। ଜଣାନ୍ତରେ କେନାଲ ଜଳକୁ ପ୍ରଦ୍ୟୁଷିତ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ପାଇଁ ସେ ଦାବୀ କରିବା ସହ ଜଳ ଯୋଗାଣ କ୍ଷେତ୍ରରେ ଉପରୋକ୍ତ ସମସ୍ତ ଘଟଣା ମାନବିକତା ଉଲଘଂନ କରୁଛି ବୋଲି ସେ ପ୍ରଶାସନକୁ ସତର୍କ କରିଛନ୍ତି। କେନାଲ ଜଳକୁ ସୁରକ୍ଷା ଦେବାର କାହାର ଦାୟୀତ୍ୱ ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ପ୍ରଶାସନ ଏଇ ସମ୍ବେଦନ ଆଉ ଗରୁତ୍ୱପୂର୍ଣ ଘଟଣା ପ୍ରତି ଦୃଷ୍ଟି ନ ଦିଅନ୍ତି ଆଗକୁ ବିରାଟ ଜନ ଆନ୍ଦୋଳନ ରୂପ ନ ନେବ କିଏବା କହିବ।

## ଡେଲାଙ୍ଗରେ ମହିଳାଙ୍କୁ ବିଭତ୍ସ ହତ୍ୟା

**ଡେଲାଙ୍ଗ,୧୮।୧୧ (ନି.ପ୍ର):** ଡେଲାଙ୍ଗ ଥାନା ଅର୍ନ୍ତଗତ ରେଂଚ ଛକ ନିକଟରେ ଜଣେ ମହିଳାଙ୍କୁ ବିଳମ୍ବିତ ରାତିରେ ବିଭତ୍ସ ଭାବେ ହତ୍ୟା କରାଯାଇ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକର ପରିଚୟ ପୋଲିସକୁ ମିଳିଥିବା ବେଳେ ସେ ହେଲେ ସଉରୀ ମଲ୍ଲିକ (୬୩) ରୁପାଗାଁ ବେଲେଶ୍ୱରପାଟଣା ଡେଲାଙ୍ଗ ଥାନା ବୋଲି ସୁଚନା ମିଳିଛି। ମହିଳା ଜଣକ ଭୁବନେଶ୍ୱରରେ ବ୍ୟବସାୟ କରୁଥିବା ବେଳେ ସେ ଟ୍ରେନ ଯୋଗେ



ପ୍ରତ୍ୟେକ ଦିନ ଯାଇଥାନ୍ତି। କିନ୍ତୁ ମହିଳାକୁ ହତ୍ୟା କରାଯାଇ ରାସ୍ତା କଡରେ ଫିଙ୍ଗା ଯାଇଥିବା ବେଳେ ତାର ପେଟ ଓ ଛାତିକୁ ଧାରୁଆ। ଅସ୍ତ୍ରରେ ହଣା ଯାଇଥିବା ଚିହ୍ନ ରହିଥିବା ଦେଖିବାକୁ ମିଳିଛି। ମୃତ ମହିଳାଙ୍କ ପୁଅ ରାଜକିଶୋର ମଲ୍ଲିକ ଡେଲାଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ଶରୀରକୁ ଜବତ କରିଛି । ମହିଳା ଜଣକର ପେଟରୁ ଅନ୍ତବୁଜୁଡା ବାହାରିଥିବା ବେଳେ ଛାତି ଠାରୁ ପେଟ ମଧ୍ୟରେ ଧାରୁଅ। ଅସ୍ତ୍ରରେ ହଣା ଯାଇଥିବା ଦେଖିବାକୁ ମିଳିଛି । ତେବେ ମହିଳାଙ୍କୁ କିଏ କାହିଁକି ଓ କେଉଁ ପରିସ୍ଥିତିରେ ତାକୁ ହତ୍ୟା କରି ଫିଙ୍ଗି ଦେଇଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ପୁରୀ ଏସ୍ପି ପ୍ରତୀକ ସିଂହ ପହଂଚି ତଦନ୍ତ ବିଭିନ୍ନ ଦିଗରୁ ତଦନ୍ତ କରିଥିବା ବେଳେ ଅତିରିକ୍ତ ଏସ୍ପି ସଚ୍ଚିନ ପଟେଲ ,ପିପିଲି ଏସଡିପିଓ ଦେବାଶିଷ ମିଶ୍ର ,ଥାନା ଅଧିକାରୀ ଶ୍ୟାମଘନ ବାରିକ ଉପସ୍ଥିତ ଥିଲେ। ଡେଲାଙ୍ଗ ଥାନାରେ ୪୩୮/ ୨୫ରେ ଏକ ମାମଲା ରୁଜୁ କରାଯାଇଛି। ସେଠାରୁ ଚପଲ , ପିନ୍ଧା ଜିନିଷ ପତ୍ର ସହ ଏକ ବ୍ୟାଗକୁ ପୋଲିସ ଜବତ କରିଛି। ମୃତ ଶରୀରକୁ ବ୍ୟବେଛେଦ ପାଇଁ ପୁରୀ ପଠାଯାଇଛି । ଅଧିକ ତଦନ୍ତ ପାଇଁ ପୁରୀ ରୁ ସାଇଟିଂଫିକ ଟିମ ସହିତ ସନ୍ଧାନୀ କୁକୁର ପହଂଚିଥିବା ବେଳେ ବିଭିନ୍ନ ସ୍ଥାନରୁ ସିସି ଟିଭି ଫୁଟେଜ ଏବଂ ଡେଲାଙ୍ଗ ଓ ଭୁବନେଶ୍ୱର ରେଳବିଭାଗ ପ୍ଲାଟଫର୍ମ ଗୁଡିକ ଯାଂଚ କରାଯାଉଥିବା ଅତିରିକ୍ତ ଏସ୍ପି ଶ୍ରୀପଟେଲ ସୁଚନା ଦେଇଛନ୍ତି।

## ଚୋରୀ ବୋଲେରୋ ଉଦ୍ଧାର

**କାକଟପୁର, ୧୮।୧୧ (ନି.ପ୍ର):** କାକଟପୁର ଥାନା ଅଧିନସ୍ଥ ମେଡିକାଲ ଛକ ନିକଟରୁ ସୁବାସ ଚନ୍ଦ୍ର ସ୍ୱାଇଁ ଙ୍କ ଘର ନିକଟରୁ ତାଙ୍କର ଏକ ବୋଲେରୋ ଗାଡି ନମ୍ବର od02d0365 କୁ ଗତ ରବିବାର ରାତି ବିଳମ୍ବିତ ପ୍ରହରରେ କିଛି ଦୁର୍ବୃତ୍ତ ଗାଡିଟିକୁ ଚୋରୀ କରି ନେଇ ଦ୍ରୁତ ଗତିରେ ପଳାଇଥିଲେ। ଏ ସଂକ୍ରାନ୍ତରେ ସୁବାସ ଚନ୍ଦ୍ର ସ୍ୱାଇଁ ଙ୍କ ପୁଅ ସୌଭାଗ୍ୟ ରଞ୍ଜନ ସ୍ୱାଇଁ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଇନସିପେକ୍ଟର ଗୌରୀ ଶଙ୍କର ସେଠୀ ବିଭିନ୍ନ ସ୍ଥାନ ରେ ସିସିଟିଭି ଯାଞ୍ଚ କରିବା ପରେ ଗାଡିଟିକୁ ଦୁର୍ବୃତ୍ତ



ମାନେ ଧଉଳି ଛକ ନିକଟରୁ ଉଦ୍ଧାର କରିଥିଲେ। ୨୪ ଘଣ୍ଟା ମଧ୍ୟରେ ଗାଡିଟିକୁ ଉଦ୍ଧାର କରାଯାଇଥିବାରୁ ଗାଡି ମାଲିକ ଶ୍ରୀ ସ୍ୱାଇଁ କାକଟପୁର ପୋଲିସ କୁ ଭୁୟସୀ ପ୍ରଶଂସା କରିଛନ୍ତି। ଏ ସଂକ୍ରାନ୍ତ ରେ କାକଟପୁର ଥାନା କେଶ ନମ୍ବର ୩୩୯/୨୫ ରେ ଏକ ମାମଲା ରୁଜୁ କରି କାକଟପୁର ପୋଲିସ ତଦନ୍ତ ଜାରି ରଖିଛି।

## ନବରଙ୍ଗପୁର ଜିଲ୍ଲା ରେ ଏକତା ପଦଯାତ୍ରା

**ନବରଙ୍ଗପୁର, ୧୮/୧୧ (ନି.ପ୍ର):** ଲୌହ ମାନବ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ସହଯୋଗ ରେ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟ ରେ ଆଜି ନବରଙ୍ଗପୁର ଠାରେ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସ୍ୱାଧୀନତା ସଂଗ୍ରାମ ର ଅମ୍ଳାନ ସ୍ୱାକ୍ଷର ବହନ କରୁଥିବା ପାପଡାହାଣ୍ଡି ର ଶହୀଦ ସ୍ତମ୍ଭ ରୁ ଏହି ପଦଯାତ୍ରା ଆରମ୍ଭ ହୋଇ ନବରଙ୍ଗପୁର ରଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ପହଞ୍ଚିଥିଲା। ଏହି ଏକତା ପଦଯାତ୍ରାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାର ଶୁଭାରମ୍ଭ



କରିଥିଲେ। ସର୍ଦାର ପଟେଲ ଙ୍କ ଫୋଟ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରେ ଅମର ଶହୀଦ ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ପଦଯାତ୍ରା ରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ , ନବରଙ୍ଗପୁର ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାଶ , ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି , ବିଭିନ୍ନ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଛାତ୍ର ଛାତ୍ରୀ, ଜନସାଧାରଣ ସାମିଲ ହୋଇଥିଲେ। ଜାତୀୟ ପତାକା ଧରି ସମସ୍ତେ ଦୀର୍ଘ ୧୬ କିଲୋମିଟର ପଦଯାତ୍ରା ରେ ଅତିକ୍ରମ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ ଯତ୍ନ ସଚେତନତା ଶିବିର

**ନୟାଗଡ଼, ୧୮।୧୧ (ନି.ପ୍ର):** ନୟାଗଡ଼ ସହର ନିକଟସ୍ଥ ଲେଖନପୁର ସମର୍ପଣ ବୃଦ୍ଧାଶ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅନୁଷ୍ଠାନ ତରଫରୁ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ ଯତ୍ନ ବିଷୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ନୟାଗଡ଼ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ତଥା ସିନିୟର ବିଭାଗ ବିଋରପତି ଅଞ୍ଜଳୀ ମଛଖଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ କାମାକ୍ଷା ପ୍ରସାଦ ଦାଶ ଯୋଗଦେଇ ବୟସ୍କ ମାନଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଅତି ସୁନ୍ଦର ଭାବେ ଆଲୋଚନା କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର



ସାମାଜିକକର୍ମୀ କ୍ଷଣପ୍ରଭା କର ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ପ୍ରତି ସମସ୍ତଙ୍କର କି ପ୍ରକାର ଉତ୍ତର ଦାୟିତ୍ୱ ଓ କର୍ତ୍ତବ୍ୟ ଅଛି କବିତା ଆବୃତ୍ତି କରି ସେ ବିଷୟରେ ବୁଝାଇ ଥିଲେ। ବରିଷ୍ଠ ନାଗରିକ ମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, ସେମାନଙ୍କର ସେବା ସୁଶ୍ରୁଷା କରିବା ଆଦି ବହୁ ଉପାଦେୟ ବିଷୟରେ ଅତିଥି ମାନେ ପରାମର୍ଶ ଦେଇଥିଲେ। ପୁଅବୋହୂ ମାନେ ବୃଦ୍ଧବୃଦ୍ଧା ପିତାମାତାଙ୍କୁ ନିର୍ଯ୍ୟାତନା ଦେଲେ ଆଇନ୍ ର ବିଭିନ୍ନ ବ୍ୟବସ୍ଥା ସହିତ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କିପରି ପଦକ୍ଷେପ ଗ୍ରହଣ କରେ ସେ ସମ୍ପର୍କରେ ସୁନ୍ଦର ଆଲୋଚନା ହୋଇଥିଲା। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ମଛଖଣ୍ଡ ମହୋଦୟା ଅନ୍ତେବାସୀ ମାନଙ୍କ ବାର୍ଦ୍ଧକ୍ୟ ଜନିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉତ୍ତମ ପରାମର୍ଶ ଦେବା ସହିତ ଆଇନ୍ ସମ୍ପର୍କିତ ସମସ୍ତ ପ୍ରକାର ସେବା ଓ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅନୁଷ୍ଠାନର ସାମାଜିକ କର୍ମୀ ପ୍ରମିଳା ମଲ୍ଲିକ, ଗଦାଧର ବିଶ୍ୱାଳ ଓ ପ୍ରଶାନ୍ତ ସାହୁ ବରିଷ୍ଠ ନାଗରିକଙ୍କ ପ୍ରତି ସନ୍ତାନ ମାନଙ୍କ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିବା ସହିତ ନିଜ ନିଜର ମତାମତ ରଖିଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କର୍ମଋରୀ ପବନ କୁମାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ସମର୍ପଣ ସଂପାଦକ ଶ୍ରୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସଏସର ବନ୍ଦ ଡ଼ାକରା ସଫଳ

**ଯୋଡ଼ା, ୧୮।୧୧ (ନି.ପ୍ର):** ଯୋଡ଼ା ବ୍ଲକ ଏବଂ ଯୋଡ଼ା ମ୍ୟୁନିସିପାଲଟି ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲ୍ଲା ସ୍ତରୀୟ ବନ୍ଦ ଡାକରା ସତ ପ୍ରତିଶତ ସଫଳ ହୋଇ ଥିବା ଦେଖିବାକୁ ମିଳିଛି। ଭାରି ଯାନ ଗୁଡ଼ିକ ରାଜ୍ୟ ରାଜପଥ ୨୧୫ ରେ ଧାଡ଼ି ବାନ୍ଧି ଠିଆ। ହୋଇ ଥିଲାୟଯାନ ବାହାନ ଚଳ ଚଳ ସମ୍ପୂର୍ଣ୍ଣ ବନ୍ଦ ସହ ଦୋକାନ ବଜାର,ବ୍ୟାଙ୍କ୍,ସ୍କୁଲ, ସରକାରୀ ଓ ବେସରକାରୀ ସଂସ୍ଥା ବନ୍ଦ ରହିଥିଲା। ତେବେ ଏହି ବନ୍ଦ ଡାକରା କେନ୍ଦୁଝର ଜିଲ୍ଲାରେ ବାଂଲାଦେଶୀ ପଠାଣ ଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସାମାଜିକ ଘଟଣା ଗୋଟିକ ପରେ ଗୋଟିଏ ଘଟୁ ଥିବାରୁ ତାହା ପ୍ରତିବାଦ ରେ ଡକାଯାଇଥିଲା କେନ୍ଦୁଝର ଜିଲ୍ଲା ର



ସରଳ ନିରୀହ ଜନଜାତି ମହିଳା ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବିବାହ କରିବାକୁ କହି ଅପହରଣ କରିନେଇ ଏହି ବଙ୍ଗାଳୀ ମୁସଲିମ ମାନେ ବହୁ ନିର୍ଯାତନା ଦେଉଥିବାର ନଜିର ରହିଛି।

ତନ୍ମଧ୍ୟରୁ ଗତ ୧୫/୧୧/ ୨୦୨୫ ରେ ଘଟିଥିବା ହୃଦୟ ବିଦାରକ ଘଟଣା ବଂଶ ପାଳ ବ୍ଲକ ର ପୁରୁଣା ମୁଣ୍ଡା ଗ୍ରାମରେ ଘଟି ଥିବା ଜନଜାତି ଦିବ୍ୟଙ୍ଗ ନାବାଳିକା ଧର୍ଷଣ ର ଶିକାର ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଅଛି। ଏହି ଘଟଣା ରେ ଗିରଫ ହୋଇଥିବା ବ୍ୟକ୍ତି ଜଣେ ବଙ୍ଗାଳୀ ମୁସଲମାନ ଅଟେ। ଏହି ବଙ୍ଗାଳୀ ମୁସଲମାନ ମାନେ ବିଭିନ୍ନ ପ୍ରକାର ଫେରି ବେପାର ମାଧ୍ୟମରେ ଧଳା ଜହର ବେପାର, ମାଦକ ଦ୍ରବ୍ୟ ବେପାର ,ଚୋରି ,ତସ୍କରି ଆଦି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ସମାଜକୁ କଳୁଷିତ କରିବାରେ ଲଗିରହିଛନ୍ତି।

## ଚିକିତ୍ସା ଅବହେଳାରୁ ସପ୍ତମ ଶ୍ରେଣୀ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ ଅଭିଯୋଗ

**ନବରଙ୍ଗପୁର, ୧୮।୧୧ (ନି.ପ୍ର):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବୁର୍ଜା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀ ନିବାସ ର ସପ୍ତମ ଶ୍ରେଣୀ ଅନ୍ତେବାସୀ ଭବାନୀ ହରିଜନ ଙ୍କ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ। ଭବାନୀ ଗତ କାଲି ଠାରୁ ଅସୁସ୍ଥ ଥିଲେ ଆଜି ଅପରାହ୍ନ ରେ ଝିଅ ଅସୁସ୍ଥ ଥିବା କଥା ବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ ଯୋଗେ ପରିବାର ଙ୍କୁ ଜଣାଇଥିଲେ। ଭବାନୀ ଙ୍କୁ ଚିକିତ୍ସାଳୟ କୁ ନେବାକୁ ପରାମର୍ଶ ଦେଇଥିଲେ କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସାଳୟ ନେବା ବ୍ୟବସ୍ଥା କରିନଥିବାରୁ ନିକଟସ୍ଥ ଜଣେ ଅଭିଭାବକ ଛାତ୍ରୀନିବାସ କୁ ଯାଇ ଝିଅ ଗୁରୁତର ଥିବା ଦେଖି ଅଟୋ ଯୋଗେ ଚିକିତ୍ସାଳୟ ନେବା ବ୍ୟବସ୍ଥା କରିଥିଲେ। ଏହି ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ତରଫରୁ ଏକ ଅଟୋ ଯୋଗେ ଅନ୍ୟ ତିନି ଝିଅ ଙ୍କ ସହ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣି ଥିଲେ ସେହିଠାରେ ଚିକିତ୍ସକ ଭବାନୀ ଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ରୀ ଙ୍କ ପରିବାର ବର୍ଗ ଅଭିଯୋଗ କରିଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ ଉପଯୁକ୍ତ ସମୟରେ ଚିକିତ୍ସା ବ୍ୟବସ୍ଥା ନ କରିବା ଯୋଗୁଁ ଭବାନୀ ଙ୍କ ମୃତ୍ୟୁ ଘଟିଛି। ଅନ୍ୟ ପକ୍ଷରେ ଉମରକୋଟ ଗୋଷ୍ଠି ଶିକ୍ଷା ଅଧିକାରୀ ଇଶ୍ୱର ମାଝୀ ଘଟଣା ର ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଅକ୍ଷୟ ସଙ୍ଗୀତ ଚର୍ଚ୍ଚା ଆୟୋଜିତ

**ଅନୁଗୋଳ, ୧୮।୧୧ (ନି.ପ୍ର) :** ଫୋକସ୍ ପକ୍ଷରୁ ୧୪ତମ 'ଅକ୍ଷୟ ସଙ୍ଗୀତ ଚର୍ଚ୍ଚା' କାର୍ଯ୍ୟକ୍ରମ ସୋମବାର ସନ୍ଧ୍ୟାରେ ପାଳିତ ହୋଇଯାଇଛିୟ ମାରୱାଡ଼ି ଧର୍ମଶାଳା ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହରବାସୀ ଅକ୍ଷୟପ୍ରେମୀ ବହୁ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଓଡ଼ିଆ। ସଙ୍ଗୀତ ଜଗତର ପ୍ରବାଦପୁରୁଷ ସ୍ୱର୍ଗତଃ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଇନ୍ଦ୍ରମଣି ଭୂତିଆ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସତ୍ୟ ଦାସଙ୍କ ପ୍ରାକ୍ କଥନ ପରେ ସାମ୍ବାଦିକ ବିଶ୍ୱରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ସରୋଜ ପାଣିଗ୍ରାହୀ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ଅକ୍ଷୟ ପଣ୍ଡା ପ୍ରମୁଖ ନିଜସ୍ୱ ବକ୍ତବ୍ୟରେ ଅକ୍ଷୟଙ୍କୁ




ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଶ୍ରୀମତୀ ନିରୁପମା ରାଉତ, ମୌସୁମୀ ଦାସ, ମଧୁମିତା ସାହୁ, ଜୟନ୍ତୀ ଅଳକାନନ୍ଦା, ବିଶ୍ୱଜିତ ଦାସ, ଅଜୟ ସିଂହଦେଓ, ସୁବାସ ପଟ୍ଟନାୟକ, ଇଞ୍ଜିନିୟର ନିଲନ ମହାନ୍ତି ପ୍ରମୁଖ ଅକ୍ଷୟଙ୍କ ସ୍ମୃତିମଧୁର ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଶ୍ରୀଜଗନ୍ନାଥ ମନ୍ଦିର ପରିଋଳନା ସମିତି ସଦସ୍ୟ ପଣ୍ଡିତ ମହେଶ ସାହୁ, ସାହିତ୍ୟିକ କାଳନ୍ଦୀ ସାମଲ, ସମାଜସେବୀ ରାଜେଶ ତିୱାରୀ, କଣ୍ଠଶିଳ୍ପୀ ମୌସୁମୀ ଦାସ, ସାଗର ମୁଖୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଆକର୍ଷଣ ଭାବେ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଲୁଗାପଟା ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗ୍ରାମ ରଞ୍ଜନ ନାଥ, ସରୋଜ ପ୍ରଧାନ, ରଶ୍ମିରଞ୍ଜନ ସାହୁ, ଅସିତ ପ୍ରଧାନ, ଉମେଶ ପାଣି ଏହାର ପରିଋଳନା କରିଥିଲେ।

## ସ୍କର୍ପିଓ-ଟ୍ରକ୍ ଧକ୍କାରେ ଜଣେ ମୃତ

**ଯୋଡ଼ା,୧୮/୧୧ (ନି.ପ୍ର) :** କେନ୍ଦୁଝର ଜିଲ୍ଲା ଯୋଡ଼ା ଫ୍ଲାଇଓଭର ନିକଟରେ ସୋମବାର ଦିନ ପୁଣି ଏକ ମର୍ମନ୍ତୁଦ ଦୁର୍ଘଟଣା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ସମବାର ଦିନ ସନ୍ଧ୍ୟା ପ୍ରାୟ ୪.୩୦ ଘଟିକା ସମୟରେ ବଡ଼ବିଲ ରୁ ବାଂଶପାଣି ରେଳ ଷ୍ଟେସନ ଅଭିମୁଖେ ସ୍କୋର୍ପିଓ (ଓ.ଆର.୦୯ପି୮୯୨୮ )ଟି ଯାଉଥିବା ବେଳେ ଫ୍ଲାଇଓଭର ସେଣ୍ଟ.ଟେରେସା ସ୍କୁଲ ଉପର ପାଖରେ ଏକ ହାଇବା (ଓ.ଡି.୦୯ଡ଼୬୪୨୫) ସାମ୍ନା ପଟୁ ସ୍କରପିଓ ଟିକୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ଯାହାଫଳରେ ଜଣେ ମହିଳା ଗୁରୁତର ଆହତ ହେବା ସହ ୨ଜଣ ଆହତ ହୋଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଯୋଡ଼ା ପୋଲିସ ତୁରନ୍ତ ପହଁଚି ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଟାଟା ମେଡ଼ିକାଲ ସ୍ଥାନାନ୍ତରିତ କରିଥିଲେ। ଡାକ୍ତର ସେଠାରେ ମହିଳା ଜଣଙ୍କୁ ମୃତ ଘୋଷଣା କରିବା ସହ ଅନ୍ୟ ୨ ଜଣ ସାମାନ୍ୟ ଆହତ ଥିବା ସୂଚନା ଦେଇଛନ୍ତି। ମୃତ ମହିଳା ଜଣକ ବଡ଼ବିଲ ସହରର ସୋନାଲି ଝା ବୟସ(୩୦) ସ୍ୱାମୀ ବିଷ୍ଣୁ ପ୍ରସାଦ ଗୁପ୍ତା ବୋଲି ଜଣାପଡିଛି। ପୋଲିସ ଏ ନେଇ କେସ ନମ୍ବର ୩୫୫/୨୫ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠେଇବା ସହ ହାଇବା ଟ୍ରକ ଟିକୁ ଗୁଆଲି ଅଞ୍ଚଳରୁ ଜବତ କରି ଥାନା ରେ ଅଟକ ରଖି ତଦନ୍ତ ଜାରୀରଖିଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି। ତେବେ ସୋନାଲି ଙ୍କୁ ମୃତ୍ୟୁ ଖବର ପରେ ଯୋଡ଼ା ବଡ଼ବିଲ ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି।

## ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା

**କଟକ , ୧୮।୧୧ (ଯୁବମୋର୍ଚ୍ଚା):** ଲୌହମାନବ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଏକ ଭାରତ ଆତ୍ମନିର୍ଭର ଭାରତର ଭାବନାକୁ ନେଇ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନେତାଜୀ ସୁଭାଷ ବୋଷ ସ୍ମାରକୀଠାରେ ଏହି ଅବସରରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଜିଲ୍ଲାପାଳ



ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଏକତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଡିସିପି ଶ୍ରୀ ଖିଲାରୀ ରଷିକେଷ ଦ୍ୟାନଦେଓ, ଉପଜିଲ୍ଲାପାଳ ଶ୍ରୀ ଟିବ ଟପୋ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅଜୟ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ, ବରିଷ୍ଠ ସିନେ ଅଭିନେତା ଶ୍ରୀ ଶ୍ରୀତମ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପଦଯାତ୍ରା ନେତାଜୀ ସ୍ମାରକୀଠାରୁ ଆରମ୍ଭ ହୋଇ ବକ୍ସି ବଜାର, ସମାଜ ଅଫିସ୍ ଛକ, ଚଣ୍ଡୀ ଛକ, କନିକା ଛକ, ବିଜୁ ପଟ୍ଟନାୟକ ଛକ, ଆନନ୍ଦ ଭବନ ଛକ ଦେଇ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ପହଂଚିଥିଲା।

## ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେ ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କଟକ, ୧୮।୧୧ (ଯୁବମୋର୍ଚ୍ଚା):** ଆଜି ସକାଳ ୧୦ ଘଟିକା ସମୟରେ କଟକ ମେୟର ଶ୍ରୀ ସୁବାସ ସିଂହ ଙ୍କ ନେତୃତ୍ୱରେ କଟକ ମହାନଗର ନିଗମ ୱାର୍ଡ ନମ୍ବର ୩ ଅନ୍ତର୍ଗତ ସି.ଡି.ଏ ସେକ୍ଟର- ୧୦ ଠାରେ ଥିବା ପାର୍କ ଟିକୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେ ଙ୍କ ନାମରେ ନାମିତ କରି ଜନସାଧାରଣ ଙ୍କ ଉପଲକ୍ଷେ ଉତ୍ସର୍ଗୀତ କରା ଯାଇଥିଲ। ଏହି ଅବସରରେ ସ୍ୱର୍ଗତ ସମୀର ଦେ ଙ୍କ ମଧ ଏକ ଅବୟବ ପ୍ରତିମୂର୍ତ୍ତିକୁ ମଧ ଉନ୍ମୋଚନହୋଇଥିଲା। ଏହି ପାର୍କ ଟିରେ ଜନସାଧାରଣ ଙ୍କ ନିମନ୍ତେ ୱକିଙ୍ଗ ଟ୍ରାକ, ଓପେନ ଜିମ , ଛୋଟ ଛୋଟ ପିଲାଙ୍କ ପାଇଁ ବିଭିନ୍ନ ପ୍ରକାର ଖେଳ ଉପକରଣ, ଭିନ୍ନ ଭିନ୍ନ ପ୍ରକର ଫୁଲ ଗଛ ପ୍ରଭୃତିର ସ୍ଥାନ ପାଇଛି।



ଏହା ସ୍ଥାନୀୟ ଅଞ୍ଚଳ ତଥା କଟକ ସହର ର ଏକ ଆଦର୍ଶ ପାର୍କ ତାହା ଏକ ଆକର୍ଷଣୀୟ ସ୍ଥାନ ଭା ଭାବରେ ପରିଗଣିତ ହେବ। ଏହି ଅବସରରେ ମାନ୍ୟବର କଟକ ମେୟର ସୁବାସ ସିଂହ ଙ୍କ ସହିତ ପୂର୍ବତନ ମନ୍ତ୍ରୀ ପ୍ରଭାତ ତ୍ରିପାଠୀ, ବିଧାୟିକା ସୋଫିଆ ଫିରଦୋଷ, ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ପୂର୍ବତନ ବିଧାୟକ ମହମଦ ମୋକିମ, ବରିଷ୍ଠ ନେତା ସୁରେଶ ମହାପାତ୍ର, ନୟନ ମହାନ୍ତି, ସଜନ ଶର୍ମା , ସୌରି ବନ୍ଧୁ ମୋହପାତ୍ର , ଲାଲତେନ୍ଦୁ ବଡୁ , ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିଶା ଦାସ ,ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ପ୍ରଳୟ ବେଉରା କର୍ପୋରେଟର କର୍ପୋରେଟର ପ୍ରଦୀପ କୁମାର ସାହୁ ପୁଷ୍ପିତା ମହାନ୍ତି, ପ୍ରିୟମ୍ବଦା ମହାନ୍ତି, ବନଲତା ପ୍ରଧାନ, ମମତା ମହାନ୍ତି ,କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ ,ସମ୍ପାଦକ ଭିକାରି ଦାସ, ଭବାନୀ ମିଶ୍ର , ସୁବାସ ବେହେରା ,ପ୍ରଦୀପ ପଟ୍ଟନାୟକ ,କବି ସାହୁ ,ପ୍ରକାଶ ସିଂହ ଦୀପୟନ ପଟ୍ଟନାୟକ , ସନ୍ତୋଷ ମହାନ୍ତି , ଅର୍ଦ୍ଧେନ୍ଦୁ ଶେଖର ମାଝୀ, ପ୍ରେମନଶୁ ଭୂଷଣ ବେହେରା ,ଦୀପ୍ତି ରଞ୍ଜନ ରାୟ, ବିଶ୍ୱନାଥ ଧୀର, ପ୍ରଭାତ କୁମାର ଦାସ, ଦେବେନ୍ଦ୍ର ପାଣିଗ୍ରାହୀ , ଜଗନ୍ନାଥ ସ୍ୱାଇଁ , ବିନୋଦ ପଣ୍ଡା, ଜନ ଆଶିଷ ବରାଳ, ସୁବୋଧ ସେଠୀ , ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ଯୁବକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**କୁକୁଡାଖଣ୍ଡି,୧୮/୧୧ (ନି.ପ୍ର) :** ସଦର ଥାନା ଅଧୀନସ୍ଥ ଅଙ୍କୁଶପୁର ସ୍ଥିତ ଲକ୍ଷ୍ମୀ ବିହାର ଅଞ୍ଚଳରେ ଏକ ଅଜଣା ବ୍ୟକ୍ତି ଙ୍କ ମୃତଦେହ ଉଦ୍ଧାର ହୋଇଛି। ସ୍ଥାନୀୟ ଲୋକେ ପ୍ରଥମେ ମୃତ ଦେହ କୁ ଦେଖି ସଦର ପୋଲିସ କୁ ଖବର ଦେଇଥିଲେ। ଖବର ପାଇ ସଦର ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ତଦନ୍ତ କରିଥିଲେ। ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଙ୍କ ପରିଚୟ ସମ୍ପୂର୍ଣ୍ଣ ଅସ୍ପଷ୍ଟ ରହିଛି। ସଦର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ଦେହ ଋରି ପାଞ୍ଚ ଦିନ ରୁ ଉକ୍ତ ସ୍ଥାନ ରେ ପଡିରହିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ନିକଟ ରୁ ଏକ ଗାମୁଛା, ପ୍ୟାଣ୍ଟ, ସିମ୍ କାର୍ଡ ନିମନ୍ତେ ବାହାର କରାଯାଉଥିବା ଏକ ପିନ୍ ସହିତ ଏକ କାଗଜ ଜବତ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ୩୩/୨୫ ରୁଜୁ କରି ମୃତ ଦେହକୁ ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲ କୁ ସ୍ଥାନାନ୍ତରିତ କରାଯାଇଛି। ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ହେବ ବୋଲି ସବ୍ ଇନ୍ସପେକ୍ଟର ପ୍ରଫୁଲ୍ଲ ସାହୁ କହିଛନ୍ତି। ଏପର୍ଯ୍ୟନ୍ତ କେହି ମୃତ ବ୍ୟକ୍ତିଙ୍କ ପରିଚୟ ଦାବି ରେ ପୋଲିସ ସମ୍ମୁଖ ରେ ଆସିନାହାନ୍ତି। ତେଣୁ ନିକଟସ୍ଥ ଥାନା ମାନଙ୍କୁ ମଧ ମୃତ ବ୍ୟକ୍ତି ଙ୍କ ଫୋଟୋ ପଠାଇ ପରିଚୟ ଖୋଜୁଛି। ଏହା ହତ୍ୟା ନା ଆତ୍ମହତ୍ୟା ସନ୍ଦେହ ରହିଛି।

